
www.anuodia.org

# ଅଣୁଲିପି

# Anulipi



# ଅଣୁଲିପି


**ସଂପାଦନା**
ସୁରେଶ ଚନ୍ଦ୍ର ପରିଡା

**ସଂପାଦକ ମଣ୍ଡଳୀ**
ସତ୍ୟନାରାୟଣ ଆଚାର୍ଯ୍ୟ
ମନୋଜ କୁମାର ମହାପାତ୍ର

**ପ୍ରଚ୍ଛଦପଟ**
ହେମନ୍ତ କୁମାର ସ୍ୱାଇଁ




# ଅଣୁଲିପି

## ସଂପାଦନା



ସୁରେଶ ଚନ୍ଦ୍ର ପରିଡା

## ସଂପାଦକ ମଣ୍ଡଳୀ



ସତ୍ୟନାରାୟଣ ଆଚାର୍ଯ୍ୟ



ମନୋଜ କୁମାର ମହାପାତ୍ର

## ପ୍ରଚ୍ଛଦପଟ



ହେମନ୍ତ କୁମାର ସ୍ୱାଇଁ

# ଅଣୁଲିପି ସମ୍ପର୍କରେ

୧) ଅଣୁଶକ୍ତିନଗର ଓଡିଆ ସମିତିର ବାର୍ଷିକ ଉତ୍ସବ ଅବସରରେ ପ୍ରତିବର୍ଷ ଫେବୃଆରୀରୁ ଏପ୍ରିଲ୍ ମାସ ମଧ୍ୟରେ ଅଣୁଲିପି ପ୍ରକାଶିତ ହୁଏ ।

୨) ବର୍ଷର କୌଣସି ସମୟରେ ଆପଣମାନେ ଓଡିଆ, ଇଂରାଜୀ ଓ ହିନ୍ଦୀରେ ଲେଖା ପଠାଇ ପାରିବେ । ସଂପାଦନା ମଣ୍ଡଳୀ ଦ୍ୱାରା ଲେଖା ଉପଯୁକ୍ତ ବିବେଚିତ ହେଲେ ପ୍ରକାଶିତ ହେବ । ଲେଖକ ଓ ଲେଖିକାଙ୍କୁ କୌଣସି ପାରିଶ୍ରମିକ ମିଳିବାର ବ୍ୟବସ୍ଥା ନାହିଁ ।

୩) ଏହି ପତ୍ରିକା ବଜାରରେ ବିକ୍ରୀପାଇଁ ଉଦ୍ଦିଷ୍ଟ ନୁହେଁ । କେହି ଏହାର ଦୁରୁପଯୋଗ କଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ।

# ଅଣୁଶକ୍ତିନଗର ଓଡିଆ ସମିତି ସମ୍ପର୍କରେ

ଅଣୁଶକ୍ତି ବିଭାଗରେ କାମ କରୁଥିବା ଓ ମୁମ୍ବାଇରେ ଅବସ୍ଥାପିତ କାର୍ଯ୍ୟରତ ଓ ଅବସରପ୍ରାପ୍ତ କୌଣସି ଓଡିଆ କର୍ମଚାରୀ କିମ୍ବା ଓଡିଆ ସଂସ୍କୃତିରେ ରୁଚି ରଖୁଥିବା ବ୍ୟକ୍ତି ସମିତିର ସଦସ୍ୟ ହୋଇପାରିବେ । ବର୍ତ୍ତମାନ ଆଜୀବନ ସଦସ୍ୟ ଚାନ୍ଦା ଟ୫୦୦ ଓ ବାର୍ଷିକ ସଦସ୍ୟ ଚାନ୍ଦା ଟ୧୦୦ ରଖାଯାଇଛି । ବିଶେଷ ସୂଚନା ପାଇଁ ବିଶେଷ ସୂଚନା ପାଇଁ ୱେବ୍ସାଇଟ୍ ଦେଖନ୍ତୁ (www.anuodia.org) ଓ ଇମେଲ୍ (anuodia@gmail.com) ବ୍ୟବହାର କରନ୍ତୁ ।

# Anushaktinagar Oriya Association

(Reg.No.1377/2008, GBBSD, Maharashtra State, Mumbai, Dated 19th July 2008)

## Managing Committee

| | | |
|---|---|---|
| *President* | Shri P.R. Mohanty |  |
| *Vice-president* | Dr. N.K. Sahoo |  |
| *Secretary* | Dr. Kuber Chandra Bhainsa |  |
| *Joint Secretary* | Shri Asutosh Mohanty |  |
| *Treasurer* | Dr. Biswaranjan Dixit |  |
| *Joint Treasurer* | Shri Laxmidhar Sahoo |  |

www.anuodia.org

anuodia@gmail.com

## Members

Mrs. Poonam Swain



Dr. Suchismita Mishra



Dr. S.C. Parida



Shri Santosh Subudhi



Shri S.K.Pradhan



Shri B. Parida



Shri Dhiren Sahoo



Dr. Raghunath Acharya



Shri A. K. Das



## Advisory Members

Dr. R.K. Choudhury



Dr. A.K. Das



Dr. B.K. Nayak



Dr. S.N. Acharya



Dr. P.K. Mishra



Dr. A.K. Mohanty



Shri J.K. Mishra



Dr. R.K. Mishra



Shri R.N. Pattanaik



Shri N.B. Samal



# ACKNOWLEDGEMENT

***The Anushaktinagar Oriya Association expresses its sincere thanks to its patrons, advertisers and esteemed members for their active support and co-operation.***

ଅଣୁଶକ୍ତିନଗର ଓଡିଆ ସମିତି ସମସ୍ତ ପୃଷ୍ଠପୋଷକ, ବିଜ୍ଞାପନଦାତା ଓ ସମିତିର ସଦସ୍ୟମାନଙ୍କୁ ସେମାନଙ୍କର ସକ୍ରୀୟ ସହଯୋଗ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

***Website development:***

**Shri Jitendra Kumar Mishra, Shri Jitendra Kumar Sukla & Dr. Suresh Chandra Parida**

***Website Sponsorship:***

**Dr. Kuber Chandra Bhainsa and Dr. Suresh Chandra Parida**

## Partons of ANULIPI 2015

**Prabudha Ranjan Mohanty**
**Naba Kishore Sahoo**
**Ajit Kumar Mohanty**
**Basant Kumar Nayak**
**Prasanta Mishra**
**Ratikanta Mishra**
**Jitendra Sukla**
**Sibabratta Panda**
**Muktikanta Ray**
**Bibhuti Bhusan Mishra**
**Nigamananda Mishra**
**Gourmohan Behera**
**A. K. Das**
**Jitendra Kumar Mishra**

# ଅଣୁଶକ୍ତିନଗର ଓଡିଆ ସମିତି

# ବାର୍ଷିକ ଉତ୍ସବ-୨୦୧୫

(୧୯-୦୪-୨୦୧୫)

ସ୍ଥାନ: ମୋହନା ଲନ୍, ଅଣୁଶକ୍ତିନଗର, ମୁମ୍ବାଇ

ସଂଯୋଜନା: ସୌମିତ୍ର କର ଓ ଆଶୁତୋଷ ମହାନ୍ତି

ସମୟ: ସନ୍ଧ୍ୟା ଘ ୭ ୦୦ ରୁ ରାତି ଘ ୧୦ ୦୦

ମୁଖ୍ୟ ଅତିଥି ଓ ସଭାପତିଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ପ୍ରାର୍ଥନା: 'କି ସୁନ୍ଦର ଆହା, କି ଆନନ୍ଦ ମୟ'

ଅଣୁଶକ୍ତି ନଗର ଓଡିଆ ସମିତିର କଳାକାରମାନଙ୍କ ଦ୍ୱାରା ପରିବେଶିତ

ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ

(ପୁରାତନ ଓ ଆଧୁନିକ ଓଡିଆ ଗିତରେ ନୃତ୍ୟ, ଓଡିଶି ନୃତ୍ୟ, ଆଦିବାସି ନୃତ୍ୟ ଓ ଭବିଷ୍ୟତକୁ ଆକ୍ଷେପ କରୁଥିବା ନୃତ୍ୟ)

ଅଣୁଶକ୍ତିନଗର ଓଡିଆ ସମିତି ସଭା କାର୍ଯ୍ୟ

ରାତ୍ରୀଭୋଜନ

ବାର୍ଷିକ ଉତ୍ସବ-୨୦୧୫

# (Annual Function-2015)


## ମୁଖ୍ୟ ଅତିଥି (Chief Guest):

## ଶ୍ରୀ ଶୁଶାନ୍ତ ମିଶ୍ର

## (ବ୍ୟଙ୍ଗ ଓ ହାସ୍ୟରସ ବ୍ୟକ୍ତିତ୍ୱ)

## Shri Susant Mishra

## (Byanga and Laughter personality)



Shri Susant Mishra is a renowned personality in Odisha. He is working in the Veterinary & Animal Husbandry Department, Govt. of Odisha. His main hobby is to make a Laughter Dhamaka in every Byanga Mancha. He has been conferred with many awards like Sriman Chutikata-2006, Byangashree-2008, Baragarh Dhanu Jatra-2008, Bali Jatra, Cuttack Sanman-2008, OTV Political Circus-2009, Malyabanta Mohatsav-2009, Nuakhai Bhet-Ghat, Chennai-2013, Tarabha Sanman-2015, B.M. Pur Maleshree Sanman-2015, Daya Mohatsav, Pipili-2015.

Anushaktinagar Oriya Association is honoured to have this renowned personality as chief guset in its annual function.

# ସମ୍ପାଦକୀୟ

ସୁଧୀ ଓଡିଆବୃନ୍ଦ,

ଓଡିଆ ଜାତିର ବିକାଶର ମୂଳପୁଞ୍ଜି ହେଉଛି 'ଓଡିଆ ଭାଷା'। କିନ୍ତୁ ଏହି ଭାଷା ଆମ ଆଧୁନିକତାର ସ୍ରୋତରେ ଭାଷି ଭାଷି ଉବୁଟୁବୁ ହେଉଛି ଠିକ୍ ନଦୀ ମୁହାଣରେ କୁଟାଖିଅ ପରି। ସାହାରା ଲୋଡୁଛି କେଉଁ ଏକ ନାଉରୀଆର। କିଏ ତା'କୁ ଉଦ୍ଧାର କରିବ ?

ଅଣୁଶକ୍ତିନଗର ଓଡିଆ ସମିତିର ସଦସ୍ୟମାନେ ଦୀର୍ଘ ୧୭ ବର୍ଷ ହେଲା ଅଣ୍ଟାଭିଡି ଆଗେଇ ପଡିଛନ୍ତି ଏହାକୁ ଉଦ୍ଧାର କରିବାକୁ। ସୃଷ୍ଟି କରିଛନ୍ତି 'ଅଣୁଲିପି'। ଏହା 'ଅଣୁଲିପି'ର ୧୭ତମ ସଂସ୍କରଣ। 'ଅଣୁଲିପି' ଦ୍ୱାରା ଓଡିଆ 'ଭାଷା', 'କଳା' ଓ 'ସଂସ୍କୃତି'କୁ ଆମ୍ଭମାନଙ୍କ ହୃଦୟରେ ସଦାସର୍ବଦା ସଞ୍ଜୀବିତ କରି ରଖିବାପାଇଁ ପ୍ରଜତ୍ନ କରିଛନ୍ତି। 'ଅଣୁଲିପି' ଏକ ସରଷ, ସୁନ୍ଦର ଓ ସୁସ୍ଥ ପ୍ରତିଭା ହୋଇ ଆପଣମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରିସାରିଛି। ତଥାପି ଉତ୍କୃଷ୍ଟ ଲେଖାର ଅଭାବ ଓ ଏହାର ଲାଳନ ପାଳନ ଖର୍ଚ୍ଚ ପାଇଁ ଅର୍ଥର ଅଭାବରୁ ଏହା ବେଳେ ବେଳେ ରଗଣ୍ ଦେଖାଯାଉଛି। କେତେଜଣ ମୁଷ୍ଟିମେୟ ସଦସ୍ୟଙ୍କ ଅନୁକମ୍ପାରୁ ଏହାର ୧୭ ତମ ସଂସ୍କରଣ ସମ୍ଭବ ହୋଇପାରିଛି। ସେମାନଙ୍କୁ ସମିତି ତରଫରୁ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି। ଯେଉଁମାନେ 'ଅଣୁଲିପି'ର ପ୍ରଭାବକୁ ହୃଦୟଙ୍ଗମ କରିପାରୁ ନାହାଁନ୍ତି, ସେମାନଙ୍କୁ ମୁଁ ଏତିକି ବୁଝାଇପାରିବି-

"ଘମାଘୋଟ ଅନ୍ଧାର ଭିତରେ,
ଆମେ ନିଜର ସତ୍ତା ଖୋଜି
ପାଇ ପାରୁନଥିବା ବେଳେ,
ଆକାଶରେ ଚନ୍ଦ୍ର ଉଭା ହେଲା।
ଆମେ ହେଲୁ ଉଭାଷିତ, ପୁଲକିତ !
ତଥାପି ଆମର ଜଘନ୍ୟ ଅଭିଯୋଗ,
ଚନ୍ଦ୍ର'ଟା କଳଙ୍କିତ।"

୧୭ ବର୍ଷ ବୟଷରେ, 'ଅଣୁଲିପି'ର ଲାଳନ ପାଳନ ଦାୟିତ୍ୱ ଆପଣ ମାନଙ୍କ ଉପରେ ନ୍ୟସ୍ତ କରୁଛି। ଏହାକୁ ନୂତନତ୍ୱର ରୂପ ଦେବା ଆପଣଙ୍କର କାମ୍ୟ ହେଉ, ଏହି ଆଶା ରଖି ଆପଣମାନଙ୍କର ଉପାଦେୟ ଲେଖା, ମତାମତ ଓ ଦିଗଦର୍ଶନ ଅପେକ୍ଷାରେ ରହୁଛି।

ଜୟ ଜଗନ୍ନାଥ।

**ସୁରେଶ ଚନ୍ଦ୍ର ପରିଡା**

# ସଭାପତିଙ୍କ ବାର୍ତ୍ତା

ଆଦରଣୀୟ ଓଡିଆ ଭାଇଭଉଣୀ,

ଅଣୁଶକ୍ତିନଗର ଓଡିଆ ସମିତି ଦ୍ୱାରା ଆୟୋଯିତ ୧୮ତମ ବାର୍ଷିକ ଉତ୍ସବର ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଆପଣମାନଙ୍କ ସଦିଚ୍ଛା, ସହଯୋଗ ଓ ଓଡିଆ ସଂସ୍କୃତି ପ୍ରତି ସଚେତନତା ଯୋଗୁଁ ଏହି ଉତ୍ସବର ଆୟୋଜନ ସମ୍ଭବ ହୋଇପାରିଛି ଓ ଓଡିଆ ସମିତି ପ୍ରଗତି କରିଚାଲିଛି ।

ଓଡିଆ ଭାଷା ଓ ସଂସ୍କୃତିକୁ ଉଜ୍ଜିବିତ କରି ରଖିବା ଓ ଅଣଓଡିଆ ମାନଙ୍କୁ ଆମ ଓଡିଶାର କଳା ଓ ସଂସ୍କୃତି ସଂପର୍କରେ ଅବଗତ କରାଇବା ଆମ ସମିତିର ମୁଖ୍ୟ ଉଦ୍ଦେଶ୍ୟ । ଆମ ସମିତିର ସଦସ୍ୟ ଓ ସେମାନଙ୍କ ପରିବାର ବର୍ଗମାନଙ୍କ ମଧ୍ୟରେ ଥିବା ଓଡିଆ କଳାକୁ ପ୍ରସ୍ଫୁଟିତ କରିବାପାଇଁ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଧାରିତ ବିଭିନ୍ନ  ସାଂସ୍କୃତିକ କାର୍ଯକ୍ରମର ପ୍ରସ୍ତୁତି କରାଯାଇଛି । ଓଡିଆ ପିଲାମାନଙ୍କ ମନରେ ଓଡିଆ ସଂସ୍କୃତି ଉପରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବହୁତ ଓଡିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମା ସରସ୍ୱତୀଙ୍କ ପୂଜା ସବୁ ବର୍ଷ ପାଳନ କରାଯାଉଛି ।ଓଡିଆ ପିଲାମାନଙ୍କ ପାଇଁ ଖେଳ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ଓଡିଆ ସମିତିର କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ସବୁ ସଦସ୍ୟ ମାନଙ୍କୁ ସମୟଦେବାକୁ ଅନୁରୋଧ । ଆପଣମାନଙ୍କ ସହଯୋଗରେ ଏ ସମିତି ଉତ୍ତରୋତ୍ତର ପ୍ରଗତି କରୁ । ପରିଶେଷରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆପଣମାନଙ୍କ ସମସ୍ତ କାର୍ଯ୍ୟର ମଙ୍ଗଳ କାମନା କରୁଛି ।

**ବିନୀତ**

**ପ୍ରବୁଧ ରଞ୍ଜନ ମହାନ୍ତି**



# SACHIDANANDA MISHRA MEMORIAL AWARD

**Anushaktinagar Oriya Association is happy to bestow**

**“The Sachidananda Mishra Memorial Award”**

**for the year 2014 on**

***Kumari Pratyusha Rath***

**for her excellent academic achievement in Standard-X Examination.**



ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ସଚ୍ଚିଦାନନ୍ଦ ସ୍ମାରକୀ ପୁରସ୍କାର-୨୦୧୪ ଲାଭ କରିଥିବାରୁ ଅଣୁଶକ୍ତିନଗର ଓଡ଼ିଆ ସମିତି ପ୍ରତ୍ୟୁଷା ରଥଙ୍କୁ ଅଭିନନ୍ଦନ ଜଣାଉଛି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ସୂଚୀପତ୍ର


| ଶୀର୍ଷକ | ଲେଖକ | ପୃଷ୍ଠା |
|---|---|---|
| **କବିତା** | | |
| ଗଂଗା ଓ ଶାନ୍ତନୁ | ସତ୍ୟନାରାୟଣ ଆଚାର୍ଯ୍ୟ | ୧ |
| ଭାଷାର ଗୌରବ | ସୁଭାଷ ଚନ୍ଦ୍ର ସାହୁ | ୬ |
| ନିର୍ବାଣ | ସତ୍ୟରଞ୍ଜନ ଶାମଲ | ୮ |
| ଶିଷ୍ୟ ଦକ୍ଷିଣା | ଶମ୍ଭୁନାଥ ଦାସ | ୧୦ |
| ସରଗୁ ଆସିଛି ଚିଠି | ସ୍ୱର୍ଣ୍ଣପ୍ରଭା ରାୟ | ୧୨ |
| ପଥହରା ପଥିକ | ବିଷ୍ଣୁ ଚରଣ ସାହୁ | ୧୪ |
| ବମ୍ ବମ୍ ଭୋଲାଶଙ୍କର | ସ୍ୱର୍ଗତା ଭବାନୀ ଆଚାର୍ଯ୍ୟ | ୧୬ |
| ବିଶାଦ ନା ଆତ୍ମନିରୀକ୍ଷଣ | ପୁଷ୍ପାଞ୍ଜଳି ଶତପଥି | ୧୭ |
| ରଘୁପତି ରାଘବ | ସ୍ୱର୍ଗତା ଭବାନୀ ଆଚାର୍ଯ୍ୟ | ୧୮ |
| ତୋ ସହରରେ | ଡ. ମନୋରଞ୍ଜନ ବେହେରା | ୧୯ |
| ଭୟଙ୍କର | ଶମ୍ଭୁନାଥ ଦାସ | ୨୨ |
| ଘରଣୀ | ହିମାଂଶୁ ଶେଖର ବିଶ୍ୱାଳ | ୨୪ |
| ତୋ ଭିତରେ ରହିଛି | ପୁଷ୍ପାଞ୍ଜଳି ଶତପଥି | ୨୮ |
| କାଲି ମୁଁ ଶୋଇବି ମୃତ୍ୟୁର ଶେଜରେ | ସୁଦର୍ଶନ ଦୀକ୍ଷିତ | ୨୯ |

## (ଗଳ୍ପ/ପ୍ରବନ୍ଧ/ଜୀବନୀ/ତଥ୍ୟ)


| | | |
|---|---|---|
| ବର୍ଣ୍ଣବୋଧର ସ୍ରଷ୍ଟା ମଧୁସୂଦନଙ୍କ କବିତାର ମୂଲ୍ୟବୋଧ | କାଞ୍ଚି ନାରାୟଣ ମହାନ୍ତି | ୩୧ |
| ନିମନ୍ତ୍ରଣ | ଗୌର ମୋହନ ବେହେରା | ୩୬ |
| ପୁଅ ପାଇଁ ମାଆର ଚିଟାଉ | ବିଜୟ ରାୟ | ୪୧ |
| ବାପା | ସୁରେଶ ଚନ୍ଦ୍ର ପରିଡା | ୪୬ |
| କଳଙ୍କିତ ନାୟକ | ସୁଦର୍ଶନ ଦୀକ୍ଷିତ | ୫୦ |
| ଆଜ୍ଞା ଟିକେ ଶୁଣିବେ କି? | ସତ୍ୟରଞ୍ଜନ ଶାମଲ | ୫୩ |
| ସୁନା ସଂସାର | ବିଶ୍ୱରଞ୍ଜନ ନାୟକ | ୫୬ |


## *English Section*


| | | |
|---|---|---|
| The working of destiny | Deepti Ranjan Hota | ୬୨ |
| Jokes | Archita Das & Anushka Das | ୬୭ |
| Members of Anushaktinagar Oriya Association | - | ୬୮ |




# କଳିଙ୍ଗ ମହୋତ୍ସବ-୨୦୧୪: ବିମୁଗ୍ଧ ଦର୍ଶକ







# କଳିଙ୍ଗ ମହୋତ୍ସବ-୨୦୧୪: ମଞ୍ଚ ପରିଚାଳକ ଓ ପରିଚାଳିକା ଏବଂ ପ୍ରାରମ୍ଭିକ କାର୍ଯ୍ୟକ୍ରମ












## କଳିଙ୍ଗ ମହୋତ୍ସବ-୨୦୧୪: ସଙ୍ଗୀତର ମୂର୍ଚ୍ଛନାରେ ସମିତିର କଳାକାର



















# କଳିଙ୍ଗ ମହୋତ୍ସବ-୨୦୧୪: ନୃତ୍ୟର ଛନ୍ଦେ ଛନ୍ଦେ କୁନୀ କଳାକାର





# କଳିଙ୍ଗ ମହୋତ୍ସବ-୨୦୧୪: ନୃତ୍ୟର ଛନ୍ଦେ ଛନ୍ଦେ କୁନି କଳାକାର









# କଳିଙ୍ଗ ମହୋତ୍ସବ-୨୦୧୪: ନୃତ୍ୟର ଛନ୍ଦେ ଛନ୍ଦେ କୁନି କଳାକାର





# କଳିଙ୍ଗ ମହୋତ୍ସବ-୨୦୧୪: ଯୁବ କଳାକାରଙ୍କ ଓଡିଶି ନୃତ୍ୟ





## କଳିଙ୍ଗ ମହୋତ୍ସବ-୨୦୧୪: ଓଡିଶାରୁ ଆସିଥିବା ପ୍ରସିଦ୍ଧ କଳାକାରଙ୍କ ଛଉ ନୃତ୍ୟ ପ୍ରଦର୍ଶନ






WITH BEST COMPLIMENTS

*FROM*

Shri Sishir Mishra

2-Mohana, Anushaktinagar, Mumbai
Tel: 022-25569025

## କଳିଙ୍ଗ ମହୋତ୍ସବ-୨୦୧୪: ରୋମାଞ୍ଚକର ନୃତ୍ୟରେ ସମିତିର କଳାକାର






**With Best Compliments**

**From**

**Dr. Rashmi Ranjan Mohanty**

C-08, Sarang, Anushaktinagar, Mumbai

Tel: 25527028

## କଳିଙ୍ଗ ମହୋତ୍ସବ-୨୦୧୪: ସମିତିର କଳାକାରଙ୍କ ନୃତ୍ୟ






# କଳିଙ୍ଗ ମହୋତ୍ସବ-୨୦୧୪: ରୋମାଞ୍ଚକର ନୃତ୍ୟରେ ସମିତିର କଳାକାର






କଳିଙ୍ଗ ମହୋତ୍ସବ-୨୦୧୪: ଯୁବ କଳାକାରଙ୍କ ନୃତ୍ୟ




କଳିଙ୍ଗ ମହୋତ୍ସବ-୨୦୧୪: ଉନ୍ନତ ଶିକ୍ଷା ପାଇଁ ପୁରଷ୍କାର



# ଗଂଗା ଓ ଶାନ୍ତନୁ

-ସତ୍ୟନାରାୟଣ ଆଚାର୍ଯ୍ୟ

କୌରବପାଣ୍ଡବ କୁଳର ଉଦ୍‌ଭବ
ହୋଇଥିଲା କେଉଁପରି,
ହେ ପାଠକଗଣ କରିବା ବର୍ଣ୍ଣନ
ମହାଭାରତକୁ ସ୍ମରି ।
ପ୍ରତୀପଙ୍କ ପୁତ୍ର ବଶିଷ୍ଠଙ୍କ ପୌତ୍ର
ପିତାମହୀ ଅରୁନ୍ଧତୀ,
ତେଜଭରା ତନୁ ନାମଟି ଶାନ୍ତନୁ
ହସ୍ତିନାପୁର ନୃପତି ।
ହିମାଦ୍ରୀନନ୍ଦିନୀ ଗଂଗା ନିନାଦିନୀ
ଶାନ୍ତନୁ ମନ ମୋହିଲେ,
ମନ ଅଛ ଜିଣି ହେବ କି ମୋ ରାଣୀ
ରାଜା ଅଧୀରେ କହିଲେ ।
କହେ ଗଂଗାଦେବୀ 'ମୁହିଁ ମନ ଦେବି
ମୋର ସର୍ତ୍ତମାନ ମାନ,
ମୋ କାର୍ଯ୍ୟ କଳାପେ ତୁମ ହସ୍ତକ୍ଷେପେ
ହେବ ମୋତେ ଅପମାନ ।
ଶାନ୍ତନୁ ରାଜନ ତୁମେ ଯେତେ ଦିନ
ଚଳିବ ମୋ ଇଚ୍ଛାମତେ,
ଏହା ମୋର ବାଣୀ ହୋଇ ତୁମ ରାଣୀ
ରହିଥିବି ତୁମ ସାଥେ ।

ମୁଁ ସ୍ୱାଧୀନମନା ତୁମକୁ ତ ଜଣା
ମୋ କାର୍ଯ୍ୟେ ଦେଲେ ଦଖଲ,
ହେବ ମୋର ମନ ତୁମଠୁଁ ବିଚ୍ଛିନ୍ନ
ମଉଳିବ ପ୍ରୀତିଫୁଲ ।
କଥା କଟାକଟି ମନ ଫଟାଫଟି
ହୋଇଲେ ଡାକିବ ଗାଂଗୀ,
ତୁମଠାରୁ ଦୂର ହେବ ମୋ ଅନ୍ତର
ସମ୍ବନ୍ଧଟି ଯିବ ଭାଙ୍ଗି ।'
'ତୁମ୍ଭେ ମୋର ପ୍ରିୟା ଭାଙ୍ଗି ତୁମ ହିଆ
ମୁଁ ପାଇବି କହ କିସ ?
ସମସ୍ତ କଥାରେ ମୁଁ ତୁମ ସାଥିରେ
ହୃଦୟକୁ ମୋର ଆସ ।
ଏମିତି ଦମ୍ପତ୍ତି ହୋଇବା ଯେମିତି
ନ ଥିବେ ତିନି ଭୁବନେ,
କାହିଁକି ସଂଶୟ ତୁମେ ବୃଥାଭୟ
କରୁଅଛ ତୁମେ ମନେ ।
ଆମେ ଦୁଇପ୍ରାଣୀ ଜୀବନସରଣୀ
ହାତ ହୋଇ ଧରାଧରି,
ଚାଲିବା ଏମିତି ନ ହୋଇବ କ୍ଳାନ୍ତି
ବିଶ୍ୱାସ ମୋ ଦୃଢ଼ ଭାରୀ ।'

ହୋଇଲା ବିବାହ ରଚିଲେ ପ୍ରଣୟ
ଖୁସିରେ ନବଦମ୍ପତ୍ତି,
ଏକ ନବଜାତ ହୋଇଲା ଆଗତ
ପ୍ରଣୟର ପରିଣତି ।
ଖୁସିରେ ଉଛନ୍ନ ଶାନ୍ତନୁରାଜନ
ଦେଖି ବଂଶର ଦାୟାଦ,
'ସର୍ବଦେବଗଣ ମୋ ପରେ ପ୍ରସନ୍ନ
ତୁମକୁ ମୋ ଧନ୍ୟବାଦ ।'
ଗଙ୍ଗା କହୁଛନ୍ତି, 'ଏହି ଶିଶୁପ୍ରତି
ନାହିଁ ତିଳେ ଅନୁରକ୍ତି,
ଅଲୋଡା ସନ୍ତାନ ହେବ ଜଳମଗ୍ନ
ପାଇବ ଜନମୁଁ ମୁକ୍ତି ।'
ଶାନ୍ତନୁ କରନ୍ତି ଜାୟାକୁ ବିନତି
'କଥା ଶୁଣ ପ୍ରିୟତମା,
ଜନନୀର ସ୍ନେହ ଏ ଶିଶୁକୁ ଦିଅ
ଅବୁଝା ହୁଅନା ଜମା ।'
ଗଙ୍ଗାର ବଚନ, 'ଶାନ୍ତନୁରାଜନ,
ଚାହୁଁଛ ଯଦି ସନ୍ତାନ,
ତୁମ ମୋର ଭାବ ଅଟେ ଅସମ୍ଭବ
ଘଟିବ ତା ଅବସାନ ।
ଜଳମଗ୍ନ ଯୋଗ୍ୟ ଏହି ହତଭାଗ୍ୟ
ଏହା ନିୟତି ଲେଖିଛି,
ମୁଁ କରିବି କଣ ମୋର ନିୟନ୍ତ୍ରଣ
ତା ଉପରେ ନାହିଁ କିଛି ।'

ଅନ୍ତିମ ସ୍ନାହାନ ଲଭିଲା ସନ୍ତାନ
ଜଳ ପରେ ଭାସେ ଶବ,
ହାୟରେ ବିଧାତା ଜଗତେ କେ ମାତା
ମାରଇ କରି ପ୍ରସବ !
ନବଜାତ ଶିଶୁ ମାରେନା ବି ପଶୁ
ଗଂଗା ତ ଅଟେ ଦାନବୀ,
ବ୍ୟଥିତ ଶାନ୍ତନୁ କିନ୍ତୁ ନତଜାନୁ
ଯାହା କଲେ ବି ଜାହ୍ନବୀ ।
ହୋଇଲେ ବିରକ୍ତ ହେବେ ପରିତ୍ୟକ୍ତ
ଗଂଗା କରିଛନ୍ତି ସର୍ତ୍ତ,
ଏପରି ଜୀବନ ଅଟେ ଅର୍ଥହୀନ
ନରକ ପ୍ରତି ମୁହୂର୍ତ୍ତ ।
ସାତସାତ ଥର ଏଭଳି ବର୍ବର
ଦୃଶ୍ୟେ ନୀରବ ଦର୍ଶକ,
ଶାନ୍ତନୁ ରହିଲେ ଯନ୍ତ୍ରଣା ସହିଲେ
ଦଂଶନ କରେ ବିବେକ ।
ଅଷ୍ଟମ ଗରଭେ ଜାତ ହେଲେ ଯେବେ
ଦୀପ୍ତିମାନ ଦେବବ୍ରତ,
ଗଂଗାଙ୍କର ବ୍ୟାଧି ସଲିଳସମାଧି
ଦେବାକୁ ହେଲେ ଉଦ୍ୟତ ।
ଶାନ୍ତନୁ ଚିତ୍କାର କଲେ 'ବନ୍ଦ କର
ଏ ନରସଂହାର ଲୀଳା,
ତୋ ମୁଣ୍ଡ ପାଗଳା ଆରେ ଗାଙ୍ଗୀ ପଳା
ଛାଡ଼ି ମୋ ହାତରେ ପିଲା ।'

ହୋଇଲା ସମାପ୍ତ କାଳ ଅଭିଶପ୍ତ
ଶାନ୍ତନୁ ହେଲେ ଆଶ୍ୱସ୍ତ,
ଲାଳନପାଳନ କରିଲେ ସନ୍ତାନ
ରାଜକାର୍ଯ୍ୟେ ହେଲେ ବ୍ୟସ୍ତ ।
ପ୍ରତିଭାସଂପନ୍ନ ଅଟଇ ସନ୍ତାନ
ଶିଖିଲା ଅସିଚାଳନା,
ଅଶ୍ୱାରୋହୀ ଦକ୍ଷ ଧନୁତୀରେ ଲକ୍ଷ୍ୟ
ଯାହାର ନାହିଁ ତୁଳନା ।
'ମୋର ଦେବବ୍ରତ ହେବ ଅଭିଷିକ୍ତ
ହସ୍ତିନାପୁରରେ ଦିନେ,
ରାଜଗୁଣେ ପୂର୍ଣ୍ଣ  ମୋହର ସନ୍ତାନ'
ରାଜା ଖୁସି ମନେମନେ ।
ମୁନିଋଷି ସମ ଆଚରି ସଂଯମ
କିଛି ବର୍ଷ ଗଲା ବିତି,
'କରିଥଲି  କିସ ମୋର ଭାଗ୍ୟଦୋଷ
ପାଇଲିନି ଜାୟାପ୍ରୀତି ।'
ଗଂଗା ଗଲେ ଚାଲି ହୃଦୟଟା ଖାଲି
ଶାନ୍ତନୁ ରାଜା ଏକାକୀ,
ଲାଗେ ମନ ଭାରୀ ଲୋଡ଼ା ଏକ ନାରୀ
ବିବାହ ସେ କରିବେ କି ?
ଯମୁନାପୁଳିନେ ଭ୍ରମୁଥିଲେ ଦିନେ
ପ୍ରଭାତକାଳେ ଶାନ୍ତନୁ,
କାଟନ୍ତି ଜୀବନ ସିଏ ଜାୟାହୀନ
ବିଷାଦ ଯାଉନି ମନୁ ।

କେଉଁ ଦିଗୁ ଏକ ମଧୁର ମହକ
ଆସି ହରୁଅଛି ମନ,
ରାଜା କୌତୁହଳେ ସେହିଦିଗେ ଗଲେ
କେଉଁ ପୁଷ୍ପ ମନେ ପ୍ରଶ୍ନ ।
ଗଲେ କିଛି ଦୂର କଲେ ଆବିଷ୍କାର
ଯମୁନା ତଟେ କିଶୋରୀ,
ନାମ ସତ୍ୟବତୀ ମନଲୋଭା ଅତି
ଶରୀରୁ ଛୁଟେ କସ୍ତୁରୀ ।
ଶାନ୍ତନୁଙ୍କ ହୃଦ ହେଲା ଗଦଗଦ
ଜାଗେ ନବ ଉନ୍ମାଦନା,
ପୂର୍ଣ୍ଣଯଉବନା ସୁନ୍ଦରୀ ଲଳନା
ମନେ ତୋଳିଲା ମୂର୍ଚ୍ଛନା ।
ଗଂଗା ପରିତ୍ୟକ୍ତ ଶାନ୍ତନୁ  କ୍ଷତାକ୍ତ
ମନେ ଏ ଅମୃତସ୍ପର୍ଶ,
ପ୍ରାସାଦରେ ପୁଣି ଆସିବ ତ ରାଣୀ
ମନେ ଖେଳାଇବ ହର୍ଷ ।
ଶାନ୍ତନୁ ରାଜନ କଲେ ନିବେଦନ
'ସତ୍ୟବତୀ ତୁମ ରୂପେ,
ହୋଇଛି ବିମୁଗ୍ଧ ହୃଦୟବିଦଗ୍ଧ
ବରିନେବି ରାଣୀରୂପେ ।'
ସରମରେ ଅତି କହେ ସତ୍ୟବତୀ
ମଥା କରି ଅବନତ,
'ମୋର କେଉଁଗୁଣ ଦେଖିଲେ ଆପଣ
କହୁଛନ୍ତି କଣ ସତ?

ଶୁଣ ହେ ସମ୍ରାଟ ପିତା ମୋ କେବଟ
ଏ ପ୍ରଶ୍ନ ତାଙ୍କୁ ପଚାର,
ମୋର ତନୁମନ ତୁମର ଅଧୀନ
ହେବ ସେ କଲେ ବିଚାର ।'
ରାଜଦରବାରେ ଅତିଆଦରରେ
ଶାନ୍ତନୁ ରାଜା ଡାକିଲେ,
ଲଭି ଏ ନିଉତା ସତ୍ୟବତୀ ପିତା
ଦଶରାଜ ପହଞ୍ଚିଲେ ।
ଭାବେ ଦଶରାଜ, 'କେଡ଼େ ଭାଗ୍ୟ ଆଜ
ସମ୍ରାଟ ହେବେ ଜାମାତା,
ଝିଅ ସତ୍ୟବତୀ କେଡ଼େ ଭାଗ୍ୟବତୀ
ମୁହିଁ ଦୁହିତାର ପିତା ।
ଶୁଣ ହେ ରାଜନ ଦିଅ ଏ ବଚନ
ସତ୍ୟବତୀର ଅପତ୍ୟ,
ରାଜସିଂହାସନ କରିବେ ଭୂଷଣ
କର ଏ ତ୍ରିବାର ସତ୍ୟ ।
ଯଦି ଏହି ପଣ କରିବେ ଆପଣ
କରନ୍ତୁ ପାଣିଗ୍ରହଣ,
ଝିଅ ମୋର ଆଜି ବଧୂବେଶ ସାଜି
ପ୍ରାସାଦେ କରୁ ଗମନ ।'
ଶାନ୍ତନୁ ବିବ୍ରତ ପୁତ୍ର ଦେବବ୍ରତ
ତାହାଙ୍କ ଯୋଗ୍ୟ ଦାୟାଦ,
'ମୋର ମୃତ୍ୟୁପରେ ହସ୍ତିନାପୁରରେ
ସିଏ ରାଜା ନିର୍ବିବାଦ ।'
ସେ ଯୋଗ୍ୟନନ୍ଦନ ରାଜସିଂହାସନ
ତାହାର ତ ଅଧିକାର,
ସେଥିରୁ ବଞ୍ଚିତ ଅଟେ ଅବାଞ୍ଛିତ
ମନରେ ଆସେ ଧିକ୍କାର ।
ଭାବିବେ ତ ପ୍ରଜା, 'ଏ ଶାନ୍ତନୁ ରାଜା
ରମଣୀରତନ ପାଇଁ ,
ନ୍ୟାୟଅନ୍ୟାୟକୁ ନିଜ ବିବେକକୁ
ଦେଖି ତ ପାରିଲେ ନାହିଁ ।'
ନାରୀର କୁହୁକ କରିଲା କାମୁକ
ମନେ ଭୀଷଣ ତୋଫାନ,
ଭ୍ରମାଏ ତ ମତି ସତ୍ୟବତୀପ୍ରୀତି
ବୁଝିବେ କି ଆଖିକାନ !
କହୁଛି ବିବେକ, 'ରଖ ରାଜଟେକ
ନାରୀ ଆକର୍ଷଣ ତେଜ,
ଯଶ ନୋହୁ କ୍ଷୁର୍ଣ୍ଣ ନ ହେଉ ମଳିନ
ରାମ ପରି ରାଜା ହେଜ ।'
ସତ୍ୟବତୀ ପ୍ରତି ପିତାଙ୍କର ପ୍ରୀତି
ଅବଗତ ଦେବବ୍ରତ,
ପିତାଙ୍କର ମନ ନ ହେଉ ଭଗନ
ନେଲେ ସେ ଦୃଢ଼ ଶପଥ ।
ରାଜସିଂହାସନ ତେଜିବ ନନ୍ଦନ
ପିତାଙ୍କ ପ୍ରଣୟପାଇଁ ,
ତ୍ୟାଗ ଅସୁମାରି ଦେବବ୍ରତ ପରି
ରାଜପୁତ୍ର କେହି ନାହିଁ ।

'ହସ୍ତିନାପୁରର ସିଂହାସନେ ମୋର
ହେବନାହିଁ ଅଧିକାର,
ଏ ଦୃଢ଼ ବଚନ ଦଶରାଜ ଶୁଣ
କରୁଛି ସତ୍ୟ ତ୍ରିବାର ।
ମୋର ପିତାଙ୍କର ହେବ ବିଭାଘର
ସତ୍ୟବତୀ ହେବେ ରାଣୀ,
ଆୟୋଜନ କର ଶୀଘ୍ର ବିଭାଘର
କାହିଁକି ସଂଶୟ ପୁଣି ?'
'ଶାନ୍ତନୁନନ୍ଦନ ରାଜସିଂହାସନ
କଲ ସିନା ପରିତ୍ୟାଗ,
ତୁମ୍ଭର ସନ୍ତାନ ହୋଇଲେ କେସନ
ଛାଡ଼ିବ ଏ ରାଜଭୋଗ ?'

'କାହିଁ କର ଚିନ୍ତା ଏ ସାମାନ୍ୟ କଥା
ମୁଁ ହୋଇବି ବ୍ରହ୍ମଚାରୀ,
ହେ କୈବର୍ତ୍ତନାଥ କରୁଛି ଶପଥ
ହାତେ ମୋ ଯମୁନାବାରି ।'

**(କ୍ରମଶଃ)**

**୧୦-ଏ, ନନ୍ଦାଦେବୀ,**
**ଅଣୁଶକ୍ତିନଗର, ମୁମ୍ବାଇ-୪୦୦୦୯୪**
**ମୋବାଇଲ: ୯୯୬୯୬୦୭୪୧୩**



# ଭାଷାର ଗୌରବ

-ସୁଭାଷ ଚନ୍ଦ୍ର ସାହୁ

ଓଡିଶା ମାଟିରେ ଜନମ ମୋହର
କହେ ମୁଁ ଭାଷା ଓଡିଆ,
ମୋ ଭାଷା ଲେଖିବା ବହୁତ ସହଜ
କହିବା ଭାରି ବଢିଆ (୧)
ଅତି ସହଜରେ ଶୁଣି ଦେଲେ ଥରେ
ମନେ ରହିଯାଏ ତାହା,
ସବୁ ଭାଷା ଠାରୁ ମୋ ଭାଷାଟି ସାର
କେତେ ଆପଣାର ଆହା (୨)
ସାଦା କାଗଜରେ ଲେଖି ଦେଲେ ଥରେ
ଓଡିଆ ଅକ୍ଷର ଟିଏ,
ଡଉଲ ଡାଉଲ ଚେହେରାଟି ତାର
ଆଖି ଲାଖି ରହିଯାଏ (୩)
ମୋ ଭାଷାର ଲେଖା କାବ୍ୟ ମହାକାବ୍ୟ
କେତେ ଗଳ୍ପ ଉପନ୍ୟାସ,
ଲେଖା ଅଛି କେତେ ପ୍ରବନ୍ଧ ରଚନା
ମୋ ଜାତିର ଇତିହାସ (୪)
ଲେଖିଯାଇଛନ୍ତି ଶ୍ରୀ ସାରଳା ଦାସ
ପବିତ୍ର ମହାଭାରତ,
ଲେଖିଯାଇଛନ୍ତି ଜଗନ୍ନାଥ ଦାସ
ନବାକ୍ଷରୀ ଭାଗବତ (୫)
ବାଲ୍ମୀକି ରିଷିଯେ ଲେଖିଗଲେ ଯାହା
ମହାକାବ୍ୟ ରାମାୟଣ,

ଏହି ତିନିଗୋଟି ଅମୂଲ୍ୟ ସ- ଦ
ଓଡିଆ ଭାଷାର ପ୍ରାଣ (୬)
ଯେତେ ଦିନ ଥିବ ଏ ଓଡିଆ ଜାତି
ଥିବ ଏ ଭାଷାର ଟେକ,
ଆହୁରି ଆମକୁ ବଢାଇବା ପାଇଁ
ଆଗୁଆ ଓଡିଆ ଲୋକ (୭)
ମହାପୁରୁଷଙ୍କ ଜୀବନୀ ପଢିବା
ଶିଖିବା ଅନେକ କିଛି,
ତାସାଥେ ପଢିବା ଅଲଗା ଭାଷାର
ଭଲ ଭଲ ବହି କିଛି (୮)
ଅନ୍ୟ ଭାଷା ସାଥେ ଆମରି ଭାଷାକୁ
ସାଥେ ନେଇ ଚାଲୁଥିବା,
ଦେଶ ବିଦେଶରେ ଆମରି ଭାଷାର
ଗଉରବ ବଢାଇବା (୯)

ସହକାରୀ ତତ୍ତ୍ୱାବଧାରକ
ରାମକୃଷ୍ଣ କୁଟୀର, ବଙ୍ଗାଳୀସାହି, କଟକ
ମୋ-୯୮୬୧୪୫୯୯୧୯
ଇମେଲ୍-suvashrke86@gmail.com



# ନିର୍ବାଣ

-ସତ୍ୟରଞ୍ଜନ ଶାମଲ

ରଂଗୀନ ପକ୍ଷକୁ ହରାଇ
ଆକାଶରେ ଉଡିଯାଏ
ଯେତେବେଳେ ସୁନ୍ଦର ପକ୍ଷୀଟିଏ,
ବ୍ୟାଧ ଦେଖି ଧନୁରେ
ଟଣାଏ ତାର ସୁତୀକୁ ।

ଚିତ୍ରକର ଖୋଜୁଥାଏ ତା'ର
ରଂଗଭିଜା ତୁଳୀକୁ ଆଉ
କାନ୍‌ଭାସ ପଟାକୁ
କବି ରୂପଦିଏ ତାର ଲେଖନୀ ମୂନରେ
ନୀଳ ଆକାଶରେ ସତେ ଅବା
ଦିବା ପ୍ରକାଶିତ ଏକ ଛୋଟ ନକ୍ଷତ୍ରଟିଏ
ଆକାଶରେ ହଜିଯାଏ ଯେତେବେଳେ
ସୁନ୍ଦର ପକ୍ଷିଟିଏ ।

ତିନିଙ୍କ ଭାବନା ଭିନ୍ନ ଭିନ୍ନ ହୋଇପାରେ
କିନ୍ତୁ ମୂଳବିନ୍ଦୁ କିଏ, ତାହା କର୍ମର ସାଧନ ।

କିଏ କହେ ଆଲ୍ଲା ହୋ ଆକବର
ପୁଣି କିଏ ଶୁଣାଏ ନିଉ ଏଣ୍ଡ ଓଲ୍‌ଡ ଟେଷ୍ଟାମେଣ୍ଟର
ଅମୃତ ବାଣୀ ଆଉ ପୁଣି ନାଚି ନାଚି
ଗାଉଥାଏ, ରଘୁପତି ରାଘବ ରାଜାରାମ୍

ତେଣୁ ସୃଷ୍ଟିହୁଏ ଧର୍ମର ଚଲାପଥେ
ଏକ ବିରାଟ ବ୍ୟବଧାନ
ତିନିଙ୍କ ଭାବନା ଭିନ୍ନ ଭିନ୍ନ ହୋଇପାରେ
କିନ୍ତୁ ମୂଳବିନ୍ଦୁ ଏକ, ତାହା ଅଟଇ ନିର୍ବାଣ ।

**-ନୂଆ ଗାଁ, ଲଂଗଳେଶ୍ୱର, ବାଲେଶ୍ୱର, ଓଡିଶା**



# ଶିଷ୍ୟ ଦକ୍ଷିଣା

-ଶମ୍ଭୁନାଥ ଦାସ

ଯିଏ ବ୍ଲାଷ୍ଟଫର୍ଣ୍ଣେସ୍ ରେ ତରଳିନି
ତାକୁ ବଙ୍କେଇବାକୁ
ବୃଥା କମାର ଚୂଲିର ଧମକ,
ସାତକୋଷୀ ଗଣ୍ଡେ ସଦା ଯା'ର ସ୍ନାନ
ଅଜଥା ଏ ସମୁଦ୍ର ଗର୍ଜନ !

ଜନ୍ତୁଗୁଡାକ ତା' କାଖ ସନ୍ଧିରେ
ଆତ୍ମଗୋପନ କରୁଛନ୍ତି ତ
ସିଏ ମହାବଳ ବାଘ ପିଠିରେ
କରୁଛି ଭ୍ରମଣ,
ହାୟ!
ବିଫଳ ସବୁ ଧମକ ଚମକ!

ବଞ୍ଚିବାର ଲୋଭ ବି ନୁହଁ
କାରଣ ସେ ପ୍ରତିଦିନ
ବଞ୍ଚୁଛି ମରୁଛି, ମରୁଛି ବଞ୍ଚୁଛି,
ସମ୍ମାନର ମୋହ ବି ନୁହଁ
ଯେହ୍ନେ କେହ୍ନେ ସମ୍ବାଦ ପୃଷ୍ଠାରେ
ତା ନାମରେ କଥା ବାହାରୁଛି !

ଦଳ ପାଇଁ ସେଭଳି ଅଜବ ଜନ୍ତୁର
ସହଯୋଗ ଲୋଡା ତ
ତେବେ ଧମକରେ ନୁହେଁ
କିବା ନୁହେଁ ପ୍ରଲୋଭନେ
ବରଂ ଅଛି ତନ୍ତ୍ର-ମନ୍ତ୍ର
ତା'ର ଚେଲା ବନିବାରେ ।
ତା'ପରେ ପ୍ରସ୍ତୁତ ହେବ ଖସଡା
ଢେଉରେ ଖସଇ କେମିତି ଅତଡା
ଗୁରୁ ଦକ୍ଷିଣା ପୁରାଣରେ ଅଛି ସିନା
କିନ୍ତୁ ଏଥର ହେବ ସଂରଚନା
ଇତିହାସର ଏକ ଶିଷ୍ୟ-ଦକ୍ଷିଣା !

-ମୁଖ୍ୟ ସଂପାଦକ, ଅଭିଯାନ
୧୨-୧, ମୟୁରଭଞ୍ଜ ରୋଡ, କୋଲକତା - ୭୦୦୦୨୩
ମୋ-୦୯୦୩୮୩୯୭୧୩୫



# ସରଗୁ ଆସିଛି ଚିଠି

-ସ୍ୱର୍ଣ୍ଣପ୍ରଭା ରାୟ

ନାତୁଣୀଲୋ ନେବୁ, ଶୁଭାଶୀଷ ବାରି
ବରଷି ଦେଉଚି ଆଇ,
ଏଇଠି ଥାଇ ମୁଁ ସବୁ ଦେଖୁଚିଲୋ
ଚିକିମିକି ତାରା ହୋଇ ।

ଆଜିର ସମାଜ ବିଶୃଙ୍ଖଳିତ
ଦେଖିଲେ ପାରୁନି ସହି,
ଦୂର୍ବୀତି, ଦୂର୍ଗତୀ, ନାରୀ ନିର୍ଯାତନା
ଜଳୁଚି ଯୌତୁକ ଜୁଇ ।

ଆମ କାଳେ ଥିଲା ଯଉତୁକ ପ୍ରଥା
ଉପହାର ରୂପେ ଗଣା,
ଦୁଃଖ କଷ୍ଟ ବୋଲି ସହୁଥିଲୁ ଯାହା
ଶାଶୂ ନଣନ୍ଦ ଗଂଜଣା ।

ଆମ କାଳ ଆଜି ଯାଇଚି ଉଭାଇ
ଆସିଚି ତୁମର ଯୁଗ,
ନାରୀଠାରେ ଯେଉଁ ଦିବ୍ୟ ଚେତନା
ବିକଶିତ କର ଆଗ ।

ନାରୀର ନିଶ୍ୱାସ ଅଗ୍ନି କଣିକା
ଲୁହ ଯେ ତପ୍ତ ଲହୁ,
ଏଇ ନିଆଁ ଦିନେ ପୃଥିବୀ ଜାଳିବ
ନିମିଷକେ ଚାହୁଁ ଚାହୁଁ ।

ଏଇଠି ନରକ, ଏ ପୁଣି ସ୍ୱର୍ଗ
ଏଇଠି ଉନ୍ନତ ଚିନ୍ତା,
ଏଇଠି ନୁହନ୍ତି ନର ପିଶାଚ ଲୋ
ମଣିଶ ରୂପେ ଦେବତା ।
ତୋ'ପରି କେତେକ ନାତୁଣୀ ମାନଙ୍କ
ଜଳିଲା ମଶାଣୀ ଚିତା,
କିଏ ବା ଜଳୁଚି ମନ ଦହନରେ
କହି ପାରେନା ତା' ବ୍ୟଥା ।

ସରଗରେ ଥାଇ ଆଜି ତୁମ ଆଇ
ଦେଉଅଛି ଉପଦେଶ,
ଲତା ନୁହେଁ ତୁମେ ମହାଦ୍ରୁମ ଅଟ
ଦେଖାଅ ଧୈର୍ଯ୍ୟ ସାହସ ।

ବରି ନିଅ ପଛେ କୁମାରୀ ଜୀବନ
ଜଗତ ହେଉ ଚକିତ,
ଯଉତୁକ ଲୋଭୀ ନର ରାକ୍ଷସର
କେବେ ହେଁ ଧରନା ହାତ ।

ଅବଳା, ଦୁର୍ବଳା ନିଜକୁ ନଭାବି
ହୁଅ ଦୁର୍ଗତି ନାଶିନୀ,
ନହୁଅ ଲୋ ସୀତା, ନହୁଅ ବସୁଧା
ହୁଅ ତମେ 'ବର୍ଷାସୋନୀ' ।

-ତପୋଭୂମି
ନିଉ.ଏଲ.ଆଇ.ସି. ଏ-୍ଲଇଜ୍ କଲୋନୀ
ପ୍ଲଟ୍ ନଂ-୫୮୨, ଘର ନଂ-୨ସି-୧୫, ବାଦାମ ବାଡି, କଟକ-୭୫୩୦୧୨

# ପଥହରା ପଥିକ

-ବିଷ୍ଣୁ ଚରଣ ସାହୁ

ରେ କାଳିଆ
ଏତେ ସରି କାହିଁ ପାଇଁ
ଯହିଁ ଦେଖେ ତହିଁ ଅକ୍ଷର ଦିଶୁଛି
ବାଟ କିଛି ପାଉ ନାହିଁ ।

ମଣିଷ ରୂପରେ ଜନ୍ମ ଦେଲୁ ମୋତେ
ଅମଣିଷ ହେଲି ମୁହିଁ
ବିଚାର ଶକତି ହରାଇ ବସିଲି
ପଙ୍କିଳ ପଥରେ ଯାଇ ।

ସତ୍ ପଥ ଛାଡି ଅସତରେ ପଡି
ପଥହରା ହେଲି ମୁହିଁ
କାମ, କ୍ରୋଧ, ଲୋଭ ମତ୍ତ ଓ ମାତ୍ସର୍ଯ୍ୟ
ମୋହକୁ ଆଦରି ନେଇ ।

ମିଛ ମାୟା ଜାଲେ ପଡି ଚାଲି ଭୋଳେ
ଭବ ସାଗରରେ ରହି
ଠକାମି, ଭଣ୍ଡାମି ଅନୀତି କର୍ମକୁ
ଶ୍ରଦ୍ଧାର ହାତ ପତାଇ ।

ସାଧୁ ସନ୍ଥଙ୍କର ମହତ ବାଣୀକୁ
ଶୁଣିଲେ ଚିଟା ଲାଗଇ
ଜମାରୁ ସେ ସ୍ଥାନ ମାଡେ ନାହିଁ ମୁହିଁ
ହରିକଥା ଚାଲେ ଯହିଁ ।

ଷଡ ରିପୁଙ୍କର କବଳୁ ମୁଁ ଏବେ
ମୁକୁଳି ପାରଇ ନାହିଁ
କିପରି ଏଥିରୁ ପାଇବି ମୁକତି
ବାଟ ଦେଖା ଏବେ ତୁହି ।

କେତେ ପୁଣ୍ୟ କର୍ମ କରି ପୂର୍ବ ଜନ୍ମେ
ନର ଜନ୍ମ ଅଛି ପାଇ
ମାନବ ସମାଜ ସେବା ମାଧ୍ୟମରେ
ମାଧବଙ୍କ ସେବା ପାଇଁ ।

ତାକୁ ଭୁଲି ମୁହିଁ କୁପଥରେ ଯାଇ
ଅପ କରମ କରଇ
ଆସନ୍ତା ଜନ୍ମରେ ନରଜନ୍ମ ଟିଏ
ଆଉତ ପାଇବି ନାହିଁ ।

ଜୀବନଟା ଏବେ ଅସହ୍ୟ ହେଲାଣି
କଣ୍ଟକ ପଥରେ ଯାଇ
ଆଉ କେତେ କାଳ ରଖିବୁ କାଳିଆ
ପଥହରା କରି ଦେଇ ।

ପଶୁଛି ଶରଣ କାଳିଆ ତୋହର
ପାଦ ପଙ୍କଜକୁ ଧ୍ୟାୟୀ
ସତ ପଥେ ମୋତେ ଚଳାଇ ନେଏତୁ
ମାୟାର ଜାଲ ଛିଣ୍ଡାଇ ।

# -: ବମ୍ ବମ୍ ଭୋଲାଶଙ୍କର :-

-ସ୍ୱର୍ଗତା ଭବାନୀ ଆଚାର୍ଯ୍ୟ

ବମ୍ ବମ୍ ଭୋଳା ଶଙ୍କର ହେ, ବମ୍ ବମ୍ ଭୋଳା ଶଙ୍କର,
ତୁମ ପାଦେ ମୋର କୋଟି ଜୁହାର, ହେ ଭୋଳା ଶଙ୍କର ।
ମହା ଯୋଗେଶ୍ୱର, ଆହେ ମହେଶ୍ୱର,
ଶ୍ମଶାନେ କର ବିହାର, ହେ ଭୋଳା ଶଙ୍କର ।
ଗଳାରେ ତୁମର ଭୁଜଙ୍ଗର ହାର
ଚନ୍ଦ୍ର ମୌଳି ଗଙ୍ଗାଧର, ହେ ଭୋଳା ଶଙ୍କର ।
ଆହେ ଲିଙ୍ଗରାଜ, କାଶୀ ବିଶ୍ୱନାଥ,
ତ୍ରିଶୂଳ ଡମ୍ବରୁ ଧର ହେ ଭୋଳା ଶଙ୍କର ।
କଳୁଷ ଦହନ, ପ୍ରଭୁ ତ୍ରିଲୋଚନ,
ବ୍ରହ୍ମଜ୍ଞାନୀ ଜଟାଧର, ହେ ଭୋଳାଶଙ୍କର ।
ବମ୍ ବମ୍ ହର, ପାର୍ବତୀଙ୍କ ବର,
ଶ୍ରୀ ସତ୍ୟ ଶିବ ସୁନ୍ଦର, ହେ ଭୋଳା ଶଙ୍କର ।
ବିଭୂତି ଲେପନ, ହେ ନନ୍ଦୀ ବାହନ
ସର୍ବଭୂତଙ୍କ ଈଶ୍ୱର, ହେ ଭୋଳା ଶଙ୍କର । ।
ପିନ୍ଧି ବ୍ୟାଘ୍ର ଛାଲ, ହେ ଭକ୍ତ ବତ୍ସଳ
ଭକତଙ୍କୁ ଦିଅ ବର, ହେ ଶିବ ଶଙ୍କର ।
ପିଇଣ ଗରଳ କଣ୍ଠ ହେଲା ନୀଳ
ପ୍ରଭୁ ନୀଳକଣ୍ଠେଶ୍ୱର, ହେ ଭୋଳା ଶଙ୍କର । ।
ଘେନ ମୋ ପ୍ରଣତି ଆହେ ପଶୁପତି
ତୁମ ମହିମା ଅପାର, ହେ ଭୋଳା ଶଙ୍କର । ।

# ବିଶାଦ ନା ଆତ୍ମନିରୀକ୍ଷଣ

-ପୁଷ୍ପାଞ୍ଜଳି ଶତପଥି

ନିରବତା ସ୍ପୃହାହୀନ ନିଶ୍ଚଳ ଜୀବନ
ଶୂନ୍ୟତାର ପରିସର ନିରାନନ୍ଦ ଅନୁଭବ ନେଇ
କଣ କୁହାଯାଇପାରେ
ହୁଏତ ବିଶାଦ ଅବା  ଆତ୍ମନିରୀକ୍ଷଣ
ଅନ୍ତର ନଥାଏ ବେଶୀ
ତେବେ ବାସ୍ତବତା ବୁଝିବ କେବଳ ସେ
ଅନୁଭବ ତାହାର ନିଜସ୍ୱ
ହୁଏତ ଉଭୟର ଛକା ପଞ୍ଝା ଖେଳ
ଜଣାନାହିଁ ସମ୍ଭବ ଅଟେ ବା ହୁଏନି
ଏଭଳି ସଂଗମ
ଉଗାସଲାଗେ ନୀରବ ରହିବାର ଅଦମ୍ୟ ଆଗ୍ରହ
ପ୍ରସାରିତ ହୁଏ ସମୟର ଦୂର ଦିଗନ୍ତକୁ
ପୁଣି ସେଥିମଧ୍ୟେ ବିଭୁ ପାଦେ ପ୍ରାଣ ପ୍ରଣିପାତ କରେ
ସବୁ କିଛି ସମର୍ପଣ କରି ଶୂନ୍ୟତାକୁ ପ୍ରସାରିତ ପାଇଁ
ନିଜକୁ ଦୂରେଇ ଦେଇ ତା ରାଗରେ ରଙ୍ଗେଇବା ପାଇଁ
ଦୁଃଖ ଅପମାନ ବିଶାଦ ସଂଗ୍ରାମ
ସବୁରିକି ଭୁଲିଯିବାର ଅଦମ୍ୟ ଆଗ୍ରହ
ମାନେ ତାର ମୂଲ୍ୟହୀନ ମନେହୁଏ
ପୁଣି ତାହା ପ୍ରଚ୍ଛେଦରେ କେବେ ଛାଇ ଯାଏ
ତେବେ ଭିତରକୁ ଉଙ୍କି ମାରିବାକୁ ସତତ ଜାଗ୍ରତ ହେବାର ଇଛା
ସେଥି ମଧ୍ୟେ ପୁଣି ଲୁଚି ଥାଏ
ତୁମ ଚରଣରେ ଲୟ ରହୁ ତୁମ କରୁଣା ସଦା ଥାଉ
ବିଶାଦର କଳାଛାଇ ଆତ୍ମ ନିରୀକ୍ଷଣର ଉଜ୍ଜ୍ୱଳତାରେ ପରୀବର୍ତ୍ତୀତ ହେଉ ।

# ରଘୁପତି ରାଘବ

-ସ୍ୱର୍ଗତା ଭବାନୀ ଆଚାର୍ଯ୍ୟ

ରଘୁପତି ରାଘବ ହେ ପ୍ରଭୁ ରଘୁନାଥ,
ସୂର୍ଯ୍ୟବଂଶ କୁଳମଣି ଦଶରଥ-ସୁତ ।
କୌଶଲ୍ୟାନନ୍ଦନ ପ୍ରଭୁ ଅଯୋଧ୍ୟାର ନାଥ,
ଜାନକୀଜୀବନ ରାମ ରଘୁକୁଳ ଖ୍ୟାତ ।
ତାଡ଼କାନାଶନ ପ୍ରଭୁ ହେ ସାରଙ୍ଗପାଣି,
ଅହଲ୍ୟା ତାରଣ ପ୍ରଭୁ ରାମ ରଘୁମଣି ।
ପିତୃସତ୍ୟ ପାଳି ନାଥ ବନକୁ ଗମନ,
ସଙ୍ଗେ ସୀତା ମାତା ପୁଣି ଅନୁଜ ଲକ୍ଷ୍ମଣ ।
ଶିବ ଧନୁ ଭାଙ୍ଗି ପର୍ଶୁ ଦରପ ଦଳନ,
ସେତୁ ବନ୍ଧ ବାନ୍ଧି କଲ ଲଙ୍କାକୁ ଗମନ ।
ସୁଗ୍ରୀବ ସଙ୍ଗେ ମଇତ୍ର ବାଳୀ କରି ହତ,
ସଙ୍ଗରେ ବାନର ସେନା ଭକ୍ତ ହନୁମନ୍ତ ।
କୈବର୍ତ୍ତ ତାରଣ ପ୍ରଭୁ ଶବରୀ ମୋକ୍ଷଣ,
ଦନୁଜଙ୍କୁ ନାଶି ପ୍ରଭୁ ମାରିଲ ରାବଣ ।
ବିଭୀଷଣେ କରାଇଲ ଲଙ୍କାର ରାଜନ ,
ସୀତା ମାତା ଉଦ୍ଧାରିଣ ଅଯୋଧ୍ୟା ଗମନ,
ଭବାନୀ ଶରଣ ଗଲା ଆହେ ରଘୁରାଣ ।

# ତୋ ସହରରେ

-ଡ. ମନୋରଞ୍ଜନ ବେହେରା

ମୁଁ କେବେ ବି ଭାବି ନଥିଲି
ଏତେ ଭଲ ପାଏ ବୋଲି
ତା'ର ଗଳି କନ୍ଦି, ବେଷ୍ଟ ବସ୍ ଓ
ଲୋକାଲ ଟ୍ରେନ୍‌ର ସେ ଭିଡ
ତୋ ସହର ରେ ।     (୧)

ହଜାର ହଜାର ଲୋକରେ ଭାବିଥିଲି
ମୁଁ ନିଜକୁ ଭୁଲାଇଦେବି
ସେ ଅସହ୍ୟ ଯନ୍ତ୍ରଣା, ଏକାପଣ ଓ
ଅତୀତ କଥା
ତୋ ସହର ରେ ।     (୨)

ମୋର ସବୁ ମନେପଡେ
ଆଇ.ଆଇ.ଟି ଜଙ୍ଗଲର ସେ ଚିତା ବାଘ
ଆପଣାର ନିଜ ଲୋକ
ଅଣୁଶକ୍ତିନଗରର ନିସ୍ତବ୍ଧତା
ସେ ପାର୍ଟି, ପିକ୍‌ନିକ୍ ଓ ବୋରିଭିଲି ପାର୍କ
ତୋ ସହର ରେ । (୩)

କଥାଥିଲା ଅଫିସ୍ କେଣ୍ଟିନ୍‌ରେ
ଥଣ୍ଡା କଫି ପିଇବା
ସକାଳ ୪ ଟା ଟ୍ରେନ୍‌ରେ ଦାଦର ଯାଇ
ଖାଲି ପାଦରେ ସିଦ୍ଧିବିନାୟକ ମନ୍ଦିର ଯିବା

ତୋ ସହର ରେ । (୪)

କଥାଥିଲା ଆମେ ହିରାନନ୍ଦିନୀରୁ
ଅନ୍ଧେରୀ ଯିବା
ହାତରେ ପିଜା ଓ କୋଲ୍ଡ ଡ୍ରିଙ୍କ୍ସ୍ ନେଇ
କର୍ପୋରେଟ୍ ସିଡିରେ ପାହାଚ ପରେ
ପାହାଚ ଚଢି ଆମେରିକା ଯିବା
ତୋ ସହର ରେ । (୫)

କଥାଥିଲା ଆମେ ବୁଲିବା
ହାତରେ ହାତ ଦେଇ
ଖାରଘରରୁ ଅଣୁଶକ୍ତିନଗର
ଥାନେରୁ ବସାଇ
ପାଖରେ ପିଲାମାନଙ୍କୁ ନେଇ
ତୋ ସହର ରେ । (୬)

ସମୟ ଚାଲିଛି ତା ବାଟରେ
ମଣିଷ ଚାଲିଛି ତା ରାସ୍ତାରେ
ସକାଳ ଯାଇ ସନ୍ଧ୍ୟା ହେଉଛି
ତୋ ସହର ରେ । (୭)

ଯେତେ ଭାବିଛି ତୋ ପାଇଁ, କେତେ ପାର୍ଥନା କରିଛି
ଯାହା ଯାହା କରିଥାନ୍ତି
କେବେବି କରିପାରିନାହିଁ
ଆଜିଯାଏ ତୋ ସହର ରେ । (୮)

ନିଜକୁ ନିଜେ ଡୁବେଇ ଦେଇଛି କର୍ମରେ
ପେଟପୋଷି, ପରିବାର ଓ ସଂସାର ଚଳେଇ
ଘରଟେ କରିବି ବୋଲି
ତୋ ସହର ରେ । (୯)

ମଣିଷ ଜାଣି ବି ଜାଣି ପାରେନା
ସମୟର ନଈରେ ଡଙ୍ଗା ଟିଏ ଧରି
ବହିଚାଲେ
ମୁଁ କିନ୍ତୁ ଜାଣିନି
ମୋ ପାଇଁ ଡଙ୍ଗା କଣ ନଈ କଣ
ମୋ ରାସ୍ତା ତ ଲମ୍ବି ଅଛି
ତୋ ସହର ରେ । (୧୦)

**ଡ଼ ମନୋରଞ୍ଜନ ବେହେରା**

**ହାଇଦ୍ରାବାଦ**



# ଭୟଙ୍କର

-ଶମ୍ଭୁନାଥ ଦାସ

ଭୂମିକଂପେ ଚାପିହୋଇ ନର-ନାରୀ
କରନ୍ତି କରୁଣ ଚିତ୍କାର,
କିନ୍ତୁ ତା'ଠାରୁ ଆହୁରି ବିଦିର୍ଣ୍ଣ
ଭୟଙ୍କରୀ ମହାବାତ୍ୟାର ତାଣ୍ଡବ ନୃତ୍ୟ ।
ତା'ଠାରୁ ଆହୁରି ପ୍ରାଣ ବିଦାରକ
ଅଂଶୁଘାତର ଲହ ଲହ ତାପ,
ଅଂଶୁଘାତ ଅପେକ୍ଷା ସଂତ୍ରାସୀଙ୍କ ଗୁଳି
ତା'ଠାରୁ ଆହୁରି କଷ୍ଟ ଗୁଣ୍ଡାର ପାପୁଲି ।

ଗୁଣ୍ଡାର ପାପୁଲି ବରଂ ଟିକେ ଭଲ
ଛୁରୀ କିଂବା ଚାବୁକର ମାଡ
ଚିହ୍ନ ଯାଇପାରେ ଲିଭି
ମନ ଯାଇପାରେ ଭୁଲି
କିନ୍ତୁ ଭୁଲି ନ ହେଉଛି କିସ
ଲାଞ୍ଚର ପ୍ରହାର ।

ଆଜିର ଓ ଅମଲାଙ୍କ ଫାଇଲ ଭିତରେ
ପୋଲିସ ବାଲାଙ୍କ କଲମ ମୁନରେ
ଅଛି ଅବା କି ଗରଳ
ଅଟେ ତାହା ସବୁଠୁ ଦୁର୍ଦ୍ଧର୍ଷ;
ସାଧାରଣ ନର-ନାରୀ ହୋଇ ଜର୍ଜରିତ
ମହାବାତ୍ୟାର କରାଳ ରୂପକୁ

ଏବେ ମନରୁ ପାଶୋରି
ଆଖି ତରାଟି ଦେଖନ୍ତି–ଭୟଙ୍କର
ଖୁବ୍ ଭୟଙ୍କର---- ଅତି ଭୟଙ୍କର
ସ୍ୱାଧୀନ ଭାରତର ଗଣତନ୍ତ୍ର ଜଗୁଆଳିଙ୍କର
ଅତ୍ୟାଚାରୀ ମହାକାଳ ମହନଗ୍ନ ରୂପ !


**–ମୁଖ୍ୟ ସଂପାଦକ, ଅଭିଯାନ**
**୧୨-୧, ମୟୁରଭଞ୍ଜ ରୋଡ, କୋଲକତା – ୭୦୦୦୨୩**
**ମୋ–୦୯୦୩୮୩୯୭୧୩୫**




# ଘରଣୀ

-ହିମାଂଶୁ ଶେଖର ବିଶ୍ୱାଳ

ସିନ୍ଦୁରା ଫାଟିବା ପୂର୍ବରୁ
ସିନ୍ଦୁର ଥାଏ ସିନ୍ଥିରେ
ଆଖି ନିଦ ମଳ ମଳ
ଦେହ ଅଳସପୂର୍ଣ୍ଣ
ଶୁଭିଯାଏ ଚୁଡିର ରୁଣ ଝୁଣ
ଇତଃସ୍ତତ ବାସନ କୁସନ
ଧା ଧପଡ ପାଦର ଧ୍ୱନୀ
ସେମିତି ଶୋଇରହିଥାଏ ସିନ୍ଥାଣି
ଭାରି ବ୍ୟସ୍ତ ଥାନ୍ତି ଘରଣୀ ।
ବ୍ୟସ୍ତତା ଭିତରେ ପଚାରିଦିଏ
କାହାକୁ ଅଧିକା ଭଲପାଅ
କବିତା ନା ବିଜ୍ଞାନ
ଜୀବିକା ନା ଜୀବନ ?
ଚୁପ ରୁହ,
କହିବ କହିବ ହୋଇ କୁହ ନାହିଁ
ପୁଣି କିଛି କହିଦିଅ
ନୀରବରେ, ଏକାନ୍ତରେ
ମନରେ ମନରେ
ଏମିତି କୁହ.......
ଓଠ ମୋ ଗୋଲାପି ଆଜି
ତୁମରି ପ୍ରେମରେ
ହୃଦୟ ମୋ ପରିପୀର୍ଣ୍ଣ
ତୁମ ପ୍ରଣୟରେ

ଆତ୍ମା ମୋ ପରିତୃପ୍ତ
ତୁମ ସାନ୍ନିଧ୍ୟରେ । (୧)

ସାନ୍ନିଧ୍ୟ ଆସିଲେ
ପ୍ରେମ ଆସେ ପ୍ରଣୟ ଆସେ
ଆସେ ପୁଣି ବିରହ ବେଦନା
ଅଭିସାରର ଯନ୍ତ୍ରଣା
ଦୂରତ୍ୱ ହୋଇଯାଏ କୋଶ କୋଶ
ଚାହିଁବାର ନଥାଏ ଶେଷ
ସେମିତି ଚାହିଁ ରହିଥାଏ କାଗଜ କଲମ
ଏକାକୀ ବ୍ୟଥିତ ହୃଦୟ
ଚିଠି ଲେଖିବାର ନିଆରା ସମୟ
ଚିଠି ଲେଖାହୁଏ ବକ୍ଷେରେ
ସ୍ୟାହି ଶୂନ୍ୟହୁଏ ବଙ୍ଗରେ
ସେମିତି ରାତି ସରିଯାଏ ପଶ୍ଚିମ ଦେଶେ
ସୂର୍ଯ୍ୟ ଉଇଁ ଆସେ ପୂର୍ବ ଆକାଶେ
ସକାଳ ହେଉ ହେଉ ପଚାରିଦିଏ
କେଉଁଥିରେ ବେଶୀ ଖୁସି
ପ୍ରେମ ନା ପ୍ରଣୟ
ପ୍ରଥମା ନା ଦ୍ୱିତୀୟା
ପ୍ରିୟା ନା ଜାୟା ?
ପୁଣି ଚୁପ ରୁହ
ଗୁଣୁ ଗୁଣୁ ହୋଇ କହିଦିଅ
କିଛି ତ କୁହ
ଝାପସା ଝାପସା ବୁଝିହୁଏ
ଏମିତି କୁହ.......
ମୁଁ ଯେ ଆଜି ସୁସଂପୂର୍ଣ୍ଣା, ସୁଲକ୍ଷଣା

ତୁମ ଦତ୍ତ
ଦୁଇ ପଟ ଶଙ୍ଖା ଆଉ
ଟୋପାଏ ସିନ୍ଦୁରରେ
ଗୋଡ ଆଙ୍ଗୁଠି ମୁଦି ଆଉ
ପାଟ ଓଢଣୀରେ
ଏବେବି କଣ ତୁମେ ଭାବ
ଆଉ କିଛି ଲୋଡା ଅଛି
ଆଜି ପାଇଁ, କାଲି ପାଇଁ
ସାତ ଜନମ ପାଇଁ । (୨)

ସାତ ଜନମର ସାକ୍ଷୀ ସହ
ପ୍ରାସଙ୍ଗିକ ହୁଏ ଅପ୍ରିୟ ସତ୍ୟ
ଅପ୍ରତ୍ୟାସିତ ସାମାଜିକ ତତ୍ତ୍ୱ
ବିତର୍କ ଝିଅ ବନାମ ଦୁହିତା
ଘରଣୀ ଆଉ ଗୃହିଣୀର କଥା
ସୀତା, ସାବିତ୍ରୀଙ୍କ ନିଛକ ପ୍ରମ
ଉର୍ମିଳା, ଦମୟନ୍ତୀଙ୍କ ପତ୍ନୀ ଧର୍ମ
ଅବା ପ୍ରସଙ୍ଗ ହୁଏ "ବଧୂ ନିରୁପମା"
ସତ୍ୟାଗ୍ରହୀ ମା କସ୍ତୁରବା
ତୁମେ କିନ୍ତୁ ଏଥର ପୁରା ଚୁପ ରୁହ
ନୀରବ, ନିଷ୍ଫଳ
ଖାଲି ଶୁଣିଚାଲ
ଘରଣୀ ଆଉ ଗୃହିଣୀର ତର୍କ
ଝିଅ କି ବହୁର ସମକକ୍ଷ !
କାହାର ଶୋକ ତ କାହାର ସୁଖ
କେତେବେଳେ ଘରଣୀ ବିନ୍ୟାସ
ତ ଆଉ କେତେବେଳେ ଗୃହୀଣୀ ନିର୍ଯ୍ୟାସ

ବହୁ ସମୟ ପରେ
ନୀରବତା ଭଙ୍ଗ ହୁଏ
ଯାଉ ଯାଉ ତର ତରରେ କହିଦିଅ
ଏମିତି କୁହ......
କିଛି ପ୍ରଶ୍ନର ଉତ୍ତର ହେଲା ନୀରବତା
ହେଲେ ନୀରବତାର ସୂଚନା କଣ ?
ପ୍ରଶ୍ନଟି ବୁଝି ହୁଏନା
ନା ଉତ୍ତରଟି ଅଜଣା
ହୋଇପାରେ ତାହା
ଅସଂଖ୍ୟ ଶବ୍ଦରାଶିର ଅସରନ୍ତି ଆନ୍ଦୋଳନ
ସଂଖ୍ୟର ପ୍ରଥମ ଗୁଂଜନ
ଆଉ ହୃଦୟରେ ଛୁପିଥିବା
ବହୁ ଅସାମଧିତ ପ୍ରଶ୍ନର
ନୀରବ ପ୍ରତିଫଳନ ।        (୩)

-ଭୁବନେଶ୍ୱର, ଓଡିଶା



# ତୋ ଭିତରେ ରହିଛି

-ପୁଷ୍ପାଞ୍ଜଳି ଶତପଥି

ପ୍ରକୃତିର ଉପାସକ ବ୍ୟାକତା ତେଣୁକରି ଜନ୍ମଗତ ଚାରିତ୍ରିକ ଗୁଣ
ଖୋଲା ଆକାଶର ତଳେ ମେଲା ଧରଣୀ ବୁକୁରେ ଅବାଧ ସମୀର
ତୋର ବ୍ୟାପକତାକୁ ଆହୁରି ପ୍ରସାରିତ କରେ
ସବୁଜ ବନାନୀ ନୃତ୍ୟରତ ନିର୍ଝରିଣୀ ସାଥେ ସତରଙ୍ଗୀ ଫୁଲର ଚାଦର
ବାନ୍ଧି ରଖିବାର ସଙ୍କୁଚିତ ଗଣ୍ଡି ମଧ୍ୟରେ ସମ୍ଭବ ହୁଏନି, ସ୍ୱାଭାବିକ ନୁହେଁ ତୋ ପାଇଁ
ପରିବର୍ତ୍ତନର ଧାରାରେ ବିକାଶର ପରିଭାଷା ମଧ୍ୟେ ତେଣୁକରି
ଅନ୍ୟମାନେ ସାମିଲ ହେବାର ବ୍ୟାକୁଳତା ଦେଖାଇଲା ବେଳେ
ତୁ ଶାନ୍ତ ବ୍ୟାଘାତହୀନ ଜୀବନକୁ ଖୋଜିବୁଲୁ ତା ମଧ୍ୟ ସୁରକ୍ଷିତ ରହିବାର
ମୁକ୍ତ ରହିବା ଆଶାରେ ଅଦମ୍ୟ ଆଗ୍ରହ ବାରିହୋଇଯାଏ
ତେବେ ଭାଷାହୀନ ତୋର ଗହନ ଉଦ୍ଦେଶ୍ୟ
ପରିପ୍ରକାଶ ହେବା ନହେବାରେ ପ୍ରତିକ୍ରିୟା ନଥାଏ
ଥାଏ କେବଳ ସେହି ନିରୀହତା, ଉଦାରତା, ବ୍ୟାପକତାର ପୁଞ୍ଜିଭୁତ ବିଶେଷଣ
ବୁଝିବାକୁ ତ ପୁଣି ସେହି ବିଶେଷତା ଥାବା ଦରଦୀ ମଣିଷଟିଏ
ଯିଏ ବୁଝିଯାଉ ଥିବ ତୋ ଅକୁହା କଥାକୁ ପୁରା କରିବ ତୋ ଅପୁରା ଦାବିକୁ
ତୋ ଚରିତ୍ର ସହିତ ସମାନତା ରଖିଥିବ ସେହି ମଣିଷ
ତୋତେ ପ୍ରକୃତି ସହିତ ସମାହିତ କରିଦେବ ବ୍ୟାପକତାକୁ ବୁଝିଯିବ
ସେ ଆଉ କେଉଁଠୁ ଆସିବ, ତୋ ଭିତରେ ରହିଛି
ଦିନେ ପରିପୃଷ୍ଟ ହେବ ପ୍ରକାଶିତ ହେବ ।


# କାଲି ମୁଁ ଶୋଇବି ମୃତ୍ୟୁର ଶେଜରେ

-ସୁଦର୍ଶନ ଦୀକ୍ଷିତ

ଆଜି ଗୋଟିଏ ଦିନ ଅଛି ମୁଁ ଜୀବନରେ
ତାପରେ ଶୋଇଯିବି ମୃତ୍ୟୁର ଶୀତଳ ଶେଜରେ
ତୁମେ ଖୋଜିଲେବି ପାଇବନି ମତେ
ମୁଁ ଚାଲିଯିବି  ଭିନ୍ନ ଏକ ରାଜ୍ୟରେ
ଆହା.. ଆହା.. ଶବ୍ଦ ମୋର ଲୋଡା ନାହିଁ କେବେ
ଲୋଡା ନାହିଁ ମିଛ ଆଖି ଲୁହ
ଦେବ ଯଦି, ଦେବ ମତେ ମୋ ଗଲାଦିନ
ଲିଭେଇଦେବ ମୁଁ ଛାଡି ଆସିଥିବା ମୋ ପାଦଚିହ୍ନ ॥
ମୁଁ ଜାଣିଛି ପାରିବନି ତୁମେ
ସେଥିପାଇଁ ତ କହୁଛି, କିଛି ଲୋଡାନାହିଁ
ଲୋଡାନାହିଁ ତୁମ ମିଛ ଆଖି ଲୁହ
ମୋ ବିନା ବଞ୍ଚିପାରିବନିର ତୀବ୍ର ବାଚାଳାମୀ ॥
ମୁଁ ଜାଣିଛି ଦି ଦିନ ପରେ
ତମେ ସବୁକିଛି ଭୁଲିଯିବ
ତେବେ କାହିଁକି ଏ ପ୍ରବଞ୍ଚନା
ଲୋକ ଦେଖାଣିଆ କଥାର ଚାତୁରି
ମୁଁ ବୁଝିପାରେ ସେ କଥା
ମତେ ଆଉ ବାନ୍ଧନା ସେଇ ମିଛ ବାହାନାରେ ।
ମୁଁ ଏବେ  ଜୀବନ୍ତ ଅଛି
କାଲିକି ଶୋଇଯିବି ମୃତ୍ୟୁର ଶୀତଳ ଶେଜରେ
ତା'ପରେ ତୁମେ ଯାହା ଇଛା କର
ଯାହା ଇଛା କହିପାର
ମୁଁ ଆଉ ଦେଖି ପାରିବିନି
କି ଶୁଣି ପାରିବିନି
ତୁମ ପ୍ରବଞ୍ଚନା ସବୁ

ଆଜିତ କରନା କିଛି
ଆଜିତ କୁହନା କିଚି
ସବୁକିଛି ରଖିଥାଅ ଲୁଚେଇକି ମୋ ଆଖି ସାମ୍ନାରୁ ॥
ମୋ ମୃତ୍ୟୁପରେ
ଖୋଲିଦେବ ତୁମ ବନ୍ଧା ପେଡି
ଯାହା ସାଇତି ରଖିଛ
ମୋ ଅଜାଣତେ, ମୋଠୁ ଲୁଚେଇ ॥
ଅପେକ୍ଷାକର ଆଉ ଗୋଟେ ଦିନ
କାଲି ମୁଁ ଶୋଇବି ମୃତ୍ୟୁ ଶେଜେ ଯାଇ
ହୁତୁ ହୁତୁ ହୁତାସନ
ଜାଳିଦେବ ମୋ ପାର୍ଥିବ ଶରୀର
ହଜିଯିବ ମୋ' ଦେହ ବାସ୍ନା
ମାଟିରେ ମିଳେଇ ଯିବ ମୋ ସବୁ ସଞ୍ଚ।
ଅପେକ୍ଷାକର ଆସନ୍ତା କାଲିକୁ
ଆଜି ମୁଁ ଜୀବିତ
କାଲି ମୁଁ ବସିବି ମୃତ୍ୟୁ ସହ ମିତ ॥

ଗ୍ରା/ପୋ – କଣ୍ଟାବାଡ
ବାଘମାରୀ, ଖୋର୍ଦ୍ଧା
ଓଡ଼ିଶା-୭୫୨୦୬୧
ମୋ -୦୯୪୩୭୨୧୨୮



# ବର୍ଣ୍ଣବୋଧର ସ୍ରଷ୍ଟା ମଧୁସୂଦନଙ୍କ କବିତାର ମୂଲ୍ୟବୋଧ

-କାଞ୍ଚି ନାରାୟଣ ମହାନ୍ତି

ଓଡିଆ ଭାଷା ଆନ୍ଦୋଳନରେ ଯେଉଁ କେତେଜଣ ବରେଣ୍ୟ ସାରସ୍ୱତ ସାଧକ ଜାତି ଉଦ୍ଦେଶ୍ୟ ସମର୍ପିତ ଥିଲେ ସେମାନଙ୍କ ମଧ୍ୟରୁ କବିବର ରାଧାନାଥ ରାୟ, ଫକିରମୋହନ ସେନାପତି, ପ୍ରକୃତିକବି ଗଙ୍ଗାଧର ମେହେର ଓ ଭକ୍ତକବି ମଧୁସୂଦନ ରାଓ ଅନ୍ୟତମ ।

ବିଶ୍ୱବିଦ୍ୟାଳୟରେ ସାହିତ୍ୟ ସଂସ୍କୃତରେ ଉଚ୍ଚତର ଉପାଧିଧାରୀ ହୋଇ ଧାଡିଏ ଉପାଦେୟ ସାହିତ୍ୟ ସର୍ଜନା କରିବା ସହଜେ ସମ୍ଭବ ନୁହେଁ । ଅଥଚ ଅନ୍ଧ ସନ୍ଥକବି ଭୀମଭୋଇଙ୍କର ରଚନା ଗବେଷଣା ସାପେକ୍ଷ ଏବଂ ବ୍ରିଟିଶ ଶାସନସୌଧରେ ଜାଜ୍ୱଲ୍ୟମାନ । ସାରସ୍ୱତ ବିଭି ସଂପୂର୍ଣ୍ଣଭାବେ ବିଭୂକୃପା ।

ଭକ୍ତକବି ମଧୁସୂଦନ ରାଓ କେବଳ ଧାର୍ମିକ ଗାଥାର ସ୍ରଷ୍ଟା ନ ଥିଲେ ତାଙ୍କର ଦେଶାତ୍ମବୋଧକ ରଚନା ଶିକ୍ଷାବିକାଶ, ସଚେତନତା, ସଂସ୍କାରଧର୍ମୀ ରଚନା ତଥା ଶିଶୁ ମନସ୍ତାତ୍ତ୍ୱିକ ସରଳ ରଚନାମାଳା ଅତି ମାର୍ମିକ । ଓଡିଶାରେ ଶିକ୍ଷାପ୍ରତି ଆକୃଷ୍ଟ ହେବାପାଇଁ ଅଶିକ୍ଷା ଅନ୍ଧାରରେ ଥିବା ନିରକ୍ଷର ମଣିଷ ଠାରୁ ସରଳମତୀ ଶିଶୁକିଶୋରମାନଙ୍କ ଉଦ୍ଦେଶ୍ୟରେ ସେ ଲେଖିଥିଲେ 'ବର୍ଣ୍ଣବୋଧ' । ତାଙ୍କ ରଚିତ ବର୍ଣ୍ଣବୋଧ ଓଡିଆ ଭାଷାଶିକ୍ଷା ପାଇଁ ଉପାଦେୟ ସଂପଦ । ଏବେ ମଧ୍ୟ ଅଦ୍ୱିତୀୟ ହୋଇ ରହିଛି । 'ବର୍ଣ୍ଣବୋଧ' କୁ ଅନେକ ପ୍ରକାଶକ 'ମଧୁ ବର୍ଣ୍ଣବୋଧ', 'ଛବିଳ ବର୍ଣ୍ଣବୋଧ' ନାମରେ ନାମିତ କରି ବ୍ୟବସାୟ କରି ଚାଲିଛନ୍ତି । ବର୍ଣ୍ଣବୋଧରେ ଜଣେ ନବାଗତ ଶିକ୍ଷାର୍ଥୀ ଓଡିଆ ଭାଷାର ବର୍ଣ୍ଣ ପରିଚୟ ସହିତ ମାତ୍ରା ପରିଚୟ, କିଛି ଶବ୍ଦ ସହ ବାକ୍ୟଗଠନର ଚାତୁରୀ ଶିଖେ । ଏଥି ସହିତ ସତ୍ୟ ଓ ମୂଲ୍ୟବୋଧ ଭିତ୍ତିକ ପଦ୍ୟ ଖଣ୍ଡମାନ ସଂଯୋଜନା ଘରେ ଘରେ ପରିଚିତ ।

'ଅରଣା ମଇଁଷି ରହିଚି ଅନାଇ, ମଇଁଷିର ପାଶ ନ ଯାଅ ଦନେଇ' ଠାରୁ 'ତୁହି ମା ଜନମ ଭୂମି ପବିତ୍ର ଭାରତଭୂମି ତୋହରି ସନ୍ତାନ ଆମେ ଅଟୁ ସରବେ' ପର୍ଯ୍ୟନ୍ତ ପ୍ରତିଟି ରଚନା ସରଳ ଭାଷାରେ ଗହନ ତତ୍ତ୍ୱ ଆଧାରିତ । କଟକରେ ଅବସ୍ଥାନ ସମୟରେ 'ଶିକ୍ଷାବନ୍ଧୁ', 'ନବସମ୍ବାଦ', 'ଆଶା' ଏବଂ ବ୍ରାହ୍ମସମାଜର ପତ୍ରିକାମାନ ପ୍ରକାଶ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ସୁପ୍ରତିଷ୍ଠିତ ପତ୍ରିକା 'ଉତ୍କଳ

ସାହିତ୍ୟ' ପ୍ରକାଶ ପାଇଥିଲା । ଓଡିଶାର ସର୍ବପ୍ରାଚୀନ ବାଣୀପୀଠ ଉତ୍କଳ ସାହିତ୍ୟ ସମାଜ ର ସେ ପ୍ରତିଷ୍ଠାତା ।

ପାଠ୍ୟପୁସ୍ତକ ରଚନା କ୍ଷେତ୍ରରେ ମଧୁସୂଦନଙ୍କ ଅବଦାନ ଅତୁଳନୀୟ । ସେ ଜଣେ ଆଦର୍ଶ ଶିକ୍ଷକ ଥିଲେ । ତେଣୁ ଓଡିଆ ଭାଷାରେ ଉପଯୁକ୍ତ ପାଠ୍ୟ ପୁସ୍ତକର ଅଭାବ ଅନୁଭବ କରିଥିଲେ । 'ବର୍ଣ୍ଣବୋଧ' ଭଳି କାଳଜୟୀ ଶିକ୍ଷାଦର୍ପଣ ସହିତ 'ଶିଶୁବୋଧ', 'ବିଜ୍ଞାନ ପାଠ', 'ଅଙ୍କ ପୁସ୍ତକ', 'ସାହିତ୍ୟ ମଂଜରୀ', 'ସାହିତ୍ୟ କୁସୁମ', 'ସାହିତ୍ୟ-ପ୍ରସଙ୍ଗ' ଓ 'ପ୍ରବନ୍ଧମାଳା' ରଚନା କରିଥିଲେ । ଅନୁବାଦ କ୍ଷେତ୍ରରେ ମଧ୍ୟ ତାଙ୍କର କୃତି ସ୍ମରଣୀୟ ହୋଇ ରହିଛି । 'ସଂସ୍କୃତ' ଓ 'ଇଂରାଜୀ' ଭାଷାରୁ ଓଡିଆକୁ ଅନେକ ପୁସ୍ତକ ଅନୁବାଦ କରିଛନ୍ତି । 'ଆତ୍ମ ସମର୍ପଣ' ଓ 'ନିର୍ବାସିତର ବିଳାପ' କବିତା ଇଂରାଜୀ ଅନୁବାଦର ଶ୍ରେଷ୍ଠତା ପ୍ରମାଣ କରେ ।

ଛାତ୍ରମାନଙ୍କର ଚାରିତ୍ରିକ ଅଧଃପତନ, ଅସଂଯମୀ ଜୀବନ ଆତ୍ମିକ ଉନ୍ନତିର ଅଭାବ ଦେଖି ସେ ଶିକ୍ଷକମାନଙ୍କୁ ନୀତିବାନ ଓ ବିଚାରବନ୍ତ ହେବାପାଇଁ ଉପଦେଶ ଦେଉଥିଲେ । କେବଳ ଛାତ୍ରମାନେ ହିଁ ଦେଶର ଭାଗ୍ୟ ନିର୍ଣ୍ଣାୟକ । ସେ ଲେଖିଥିଲେ-

"କର୍ତ୍ତବ୍ୟ ପାଳନେ ଯଶ ଧନ ଲଭେ ଦୁନିଆଁରେ କର୍ମବୀର,
ଭାଗ୍ୟକୁ ଆଦରି କାପୁରୁଷ ସିନା ଦୁଃଖ ଭୋଗେ ବାରମ୍ବାର ।"

ଉପନିଷଦୀୟ ତତ୍ତ୍ୱକୁ ସରଳ ସୁନ୍ଦର ଭାବରେ ବର୍ଣ୍ଣବୋଧରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେଇ ସେ ଲେଖିଛନ୍ତି-

"ଯାହା ମୁଁ କରଇ ଯାହା ମୁଁ କହଇ ଯାହା ମୁଁ ଚିନ୍ତଇ ମନେ,
ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ ।"

ତାଙ୍କର ଅନ୍ୟାନ୍ୟ ସାହିତ୍ୟକୃତି ଭିତରେ 'ଛନ୍ଦମାଳା' (୧ମ ଓ ୨ୟ ଖଣ୍ଡ), 'ବାଳରାମାୟଣ', 'ହିମାଚଳେ ଉଦୟ ଉତ୍ସବ', 'ବାମଣ୍ଡା ରାଜପ୍ରଶସ୍ତ ସଙ୍ଗୀତମାଳା', 'ମହର୍ଷି ଦେବେନ୍ଦ୍ରନାଥ ଠାକୁର' ପ୍ରଣୟର ଅଦ୍ଭୁତ ପରିଣାମ ହେମମାଳା (ଗଳ୍ପ), ଉତ୍ତର ରାମ ଚରିତ (ନାଟକ) ଇତ୍ୟାଦି ।

ଯାଜପୁର ପରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ତିବାକାଳରେ ତାଙ୍କ ସହିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସହ ସାକ୍ଷାତ ହୋଇଥିଲା । ସେତିକିବେଳେ କବିବର ରାଧାନାଥ ରାୟ ଡେପୁଟି ଇନସ୍ପେକ୍ଟର । ଏହି ତ୍ରିଧାରା ବ୍ୟାସକବି, କବିବର ଓ ଭକ୍ତକବିଙ୍କ ମିଳନରୁ ଓଡିଶାର ଭାଷା ଓ ସଂସ୍କୃତିର ପୁର୍ନଉଦ୍ଧାର ଆରମ୍ଭ ହେଲା । ମାତୃଭାଷାର ଉନ୍ନତିରେ ଜାତିର ଉନ୍ନତି । ସେ ନିଜର ଜାତୀୟ ଭାବନା ପ୍ରକଟ କରି ଲେଖିଥିଲେ-

"ମାତୃଭୂମି ମାତୃଭାଷା ଉଭୟ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ
ଏ ମାନବ ଜନ୍ମ ହେବ ସଫଳ ମୋହର
ଏ ଭିକ୍ଷା କରନ୍ତୁ ପୂର୍ଣ୍ଣ ପ୍ରଭୁ ପରାତ୍ପର ।"

ବିଭୁ ପଦବନ୍ଦନା ବିନା ଭକ୍ତ କବିର ଅନ୍ତରରେ ପ୍ରଶାନ୍ତି କାହିଁ ? ଧର୍ମ ପଥରୁ ବିଚ୍ୟୁତ ଦେଖି ଅସ୍ଥିର କବିସତ୍ତା 'ଉତ୍କଳଜନନୀ' ରେ ଲେଖିଥିଲେ-

"ବିଶାଳ ବିସ୍ତାର ତବ ମା' ଉତ୍କଳଭୂମି
ଦେଖି ଆସିଲି ମୁଁ ଚାରିଆଡେ ଘୁମିଘୁମି
କୋଟିଏ ସନ୍ତାନ ମା' ଗୋ ଧରିଅଛ କୋଳେ
ଗୋଟିଏ ମନୁଷ୍ୟ କିନ୍ତୁ ନଦେଖିଲି ଡୋଳେ ।"

ଜୀବନ ସୀମିତ । ପୁଣି ଅନିଶ୍ଚିତ । ଧର୍ମ ସଂଚିବାକୁ ଆଉ ବେଳ ନାହିଁ । କାଲିକୁ ଅପେକ୍ଷା କରାଯାଏ ନାହିଁ । ବାଲ୍ୟକାଳରୁ ସେହି ନୀତିରେ ଚାଲିବାକୁ ସେ କହିଲେ-

"ବାଲ୍ୟକାଳୁ ଧର୍ମ ଧନ ମୁଁ ସଂଚିବି ଏ ଜୀବନ ଅନିଶ୍ଚିତ,
କେଜାଣେ କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ ।"

ଆଳସ୍ୟ ଓ ଅବହେଳା ମନୁଷ୍ୟର ସଫଳତାକୁ ଅବରୋଧ କରିଥାଏ ବୋଲି ସେ କହିଥିଲେ । ବସନ୍ତ ପଂଚମୀ ୧୮୫୩ ଜାନୁଆରୀ ୨୯ ତାରିଖରେ ଜନ୍ମ ହୋଇଥିବାରୁ ସେ ସରସ୍ୱତୀଙ୍କର କୃପାଲବ୍ଧ ସନ୍ତାନ । ସାହିତ୍ୟ ସାଧନା ନିମିତ୍ତ ରାଧାନାଥ ରାୟଙ୍କଠାରୁ ପ୍ରେରଣା ଏବଂ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ସହିତ ବନ୍ଧୁତା  ସାହିତ୍. ସାଧନା ସହିତ ବ୍ରାହ୍ମଧର୍ମର ଦୀକ୍ଷିତ ହୋଇଥିଲେ । ଇଂରେଜ ଶାସନ କାଳରେ ଜନ ସମାଜକୁ ଜାତୀୟତା ସ୍ରୋତରେ ଉଦବୁଦ୍ଧ କରିବା ପାଇଁ 'ଜନ୍ମଭୂମି' କବିତାରେ ସେ ଲେଖିଥିଲେ-

"ତୁହି ମା' ଜନମଭୂମି, ପବିତ୍ର ଭାରତ ଭୂମି, ତୋହରି ସନ୍ତାନ ଆମେ ଅଟୁ ସରବେ
ତୋର ଶ୍ରୀଚରଣେ ସେବା, ପାଇଁ ମନ ପ୍ରାଣ ଦେବା, ଗାଇବା ତୋହର ନାମ ଆନନ୍ଦରବେ ।"

ବିଷୟ ସଂପତ୍ତି ଏବେ ଜାତିୟତା ଓ ଭାଷାକୁ ବିପନ୍ନ କରିଚାଲିଛି । ଭାଷା, ସଂସ୍କୃତି ପରଂପରା ଆଜି ଅବକ୍ଷୟ ମୁଖୀ । ବିଦେଶୀ ଭାଷା ପ୍ରତି ଶିଶୁ ଅବସ୍ଥାରୁ ଶିକ୍ଷା ଦିଆଯାଉ, ହେଲେ ମାତୃଭାଷା ପ୍ରତି ବିମୁଖ ହେଲେ ଓଡିଆ ଜାତିପାଇଁ ମହାବିପତ୍ତି ଦିନେ ଉଭାହେବ । ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବାରେ କି ଲାଭଯଦି ଓଡିଆଘରର ପୁଅ ଓଡିଆ କହିବାକୁ ଅଯୋଗ୍ୟ, ଓଡିଆ ସାହିତ୍ୟ ପଢିବାକୁ ବିତସ୍ପୃହ । ଅଧିକ ରୋଜଗାର ପାଇଁ ବିଦେଶୀ ଭାଷା ଯେତିକି ଜରୁରୀ, ନିଜ ଅସ୍ତିତ୍ୱ ରକ୍ଷା କରିବାପାଇଁ ମାତୃଭାଷାର ବିକାଶ ହେବା ତତୁଲ୍ୟ ଗୁରୁତ୍ୱପୂର୍ଣ୍ଣ ।

ବିପର୍ଯ୍ୟସ୍ତ ଉତ୍କଳର ବିପନ୍ନ ଭାସ୍କର୍ଯ୍ୟ, ଭଗ୍ନ-ଦେବାଳୟ, ଦୁର୍ଗ, ଧର୍ମପୀଠ ଦେଖି ସୁମହାନ୍ ଅତୀତକୁ ସ୍ମରଣ କରି ଭକ୍ତକବି ଲେଖିଥିଲେ-

"ଏହି କି ସେ ପୁଣ୍ୟଭୂମି ଭୁବନ ବିଦିତ,
ସୁବିସ୍ତୀର୍ଣ୍ଣ ରଙ୍ଗଭୂମି ଆର୍ଯ୍ୟ ଗୌରବର?
ଏହିକି ଭାରତ ଯାର ମହିମା ସଙ୍ଗୀତ, ଗମ୍ଭୀର ଝଙ୍କାରେ ପୂର୍ଣ୍ଣ ଦିଗ ଦିଗନ୍ତର ।"

୧୯୧୨ ଡିସେମ୍ବର ୨୮ ରେ ଭକ୍ତକବି ଉକ୍ତଳଜନନୀ କୋଳରେ ଚିର ନିଦ୍ରାରେ ଶୋଇଗଲାପରେ, ଗଭୀର ମର୍ମାହତ ବ୍ୟାସକବି ଲେଖିଥିଲେ-

"କେତେ ତପସ୍ୟାର ଫଳେ ଉତ୍କଳଜନନୀ
ଲଭିଥିଲେ ଏକମାତ୍ର ପୁତ୍ର ଗୁଣମଣି
ଉତ୍କଳରେ ଯାହା ନାମ ଖ୍ୟାତ ଗ୍ରାମେ ଗ୍ରାମେ
ସେ ମଧୁସୂଦନ ବର୍ତ୍ତମାନ ସ୍ୱର୍ଗଧାମେ ।"

ଉପସଂହାରରେ ତାଙ୍କରି ଭାଷା ତାଙ୍କୁ ଉପହାର ଦେଇ ଏତିକି ଲେଖିହେବ ।

-'ଆଶ୍ରମ'
ଶ୍ରୀବିହାର କଲୋନୀ
ତୁଳସୀପୁର, କଟକ-୮
ମୋ-୯୭୭୬୩୩୬୨୮୧

# ନିମନ୍ତ୍ରଣ

**-ଗୌର ମୋହନ ବେହେରା**

ସମୟ ରାତ୍ରି ୧୨ ଟା । ଶ୍ୟାମବାବୁଙ୍କ ଆଖିକୁ ନିଦ ନାହିଁ । ପତ୍ନୀ ରାଧିକା ଦେବୀ ଓ ଝିଅ ତନ୍ଦ୍ରା ଶୋଇ ପଡିଛନ୍ତି । ଶ୍ୟାମବାବୁ ବସି ଆଲବମ୍ ଦେଖୁଛନ୍ତି । ଜାମ୍ମୁ କାଶ୍ମିର ଭ୍ରମଣର ଫଟୋ । ୧ ମାସ ତଳେ ଜାମ୍ମୁ କାଶ୍ମିର ପରିଭ୍ରମଣରେ ଯାଇଥିଲେ । ସେହି ଫଟୋ ଗୁଡାକ ଦେଖୁଛନ୍ତି । ହଠାତ୍ ନଜର କିଛି ଫଟୋ ଉପରେ ପଡିଲା । ଶ୍ୟାମବାବୁଙ୍କ ପରିବାର ସହିତ ମହାନ୍ତି ବାବୁଙ୍କ ଛବି ସେହି ଫଟୋଗୁଡାକରେ ଥିଲା । ମହାନ୍ତି ବାବୁଙ୍କ ସହିତ ତାଙ୍କର ଆଗରୁ ଚିହ୍ନା ପରିଚୟ ନଥିଲା । ଜାମ୍ମୁ କାଶ୍ମିରରେ ହିଁ ପରିଚୟ ହୋଇଥିଲା । ମହାନ୍ତି ବାବୁ ଅଫିସ୍ କାମରେ କାଶ୍ମିର ଯାଇଥିଲେ । ଆଉ ୩ ଦିନ ଅଧିକ ରହି ଜାମ୍ମୁ କାଶ୍ମିର ବୁଲିବାକୁ ସ୍ଥିର କରିଥିଲେ । ଯେଉଁ ହୋଟେଲ୍ ରେ ଶ୍ୟାମବାବୁ ରହୁଥିଲେ ସେହି ହୋଟେଲ୍ ରେ ମହାନ୍ତି ବାବୁବି ରୁମ୍ ବୁକ୍ କରିଥିଲେ । ପ୍ରଥମେ ଦେଖା ସାକ୍ଷାତ ଓ ତା ପରେ ବନ୍ଧୁତା ହୋଇଥିଲା । ୩ ଦିନ ଯାକ ସାଥିରେ ସବୁ ଯାଗା ବୁଲି ଦେଖିଥିଲେ । ମହାନ୍ତି ବାବୁ ବେଶ୍ ଭଦ୍ର ଏବଂ ମଜାଳିଆ ପ୍ରକୃତିର ଲୋକ । ସବୁବେଳେ ହସୁଥାନ୍ତି ଓ ହସଉଥାନ୍ତି । ସୁନ୍ଦର ସ୍ୱାସ୍ଥ୍ୟ । ଖେଳାଳି ଚେହେରା । ଶ୍ୟାମବାବୁ ଓ ମହାନ୍ତି ବାବୁଙ୍କ ବୟସ ପ୍ରାୟ ପାଖାପାଖି । ମହାନ୍ତି ବାବୁଙ୍କ ସାଙ୍ଗରେ ୩ ଦିନ ହସ ଖୁସିରେ କଟିଗଲା । ମହାନ୍ତି ବାବୁଙ୍କର ଫଟୋଗ୍ରାଫି ହବି ଥିବାରୁ ଭଲ କ୍ୟାମେରା ନେଇ ଯାଇଥିଲେ କାଶ୍ମିର । ସେଥିରେ ଅନେକ ଫଟୋ ଉଠେଇ ଥିଲେ । ବିଦାୟ ନେବା ବେଳେ ମହାନ୍ତି ବାବୁ ପ୍ରତିଶୃତି ଦେଇଥିଲେ ଫଟୋ ଧୋଇ ଫଠେଇବେ । ଠିକଣା ଆଗରୁ ସଂଗ୍ରହ କରିସାରିଥିଲେ । ଇଏ ସେହି ମହାନ୍ତି ବାବୁ ଯାହାଙ୍କ ଫଟୋ ସେ ଦେଖୁଛନ୍ତି ।

ଶ୍ୟାମବାବୁ ନିଜ କ୍ୟାମେରାରେ ଉଠିଥିବା ଫଟୋ ଧୋଇ ସାରିଥିଲେ । ବେଶ୍ ଚମତ୍କାର ଉଠିଛି ଫଟୋ ଗୁଡାକ । ସବୁଠୁ ଭଲ ହୋଇଛି ମା ଝିଅଙ୍କର ବରଫ ଫିଙ୍ଗା ଦୃଶ୍ୟ । ରାଧିକା ଦେବୀଙ୍କର ଫଟୋଜିନିକ୍ ଚେହେରା । ସବୁ ଫଟୋ ତାଙ୍କର ଭଲ ଉଠିଛି । ଗରମ ପୋଷାକ ପିନ୍ଧିଥିବାରୁ ସାମାନ୍ୟ ମୋଟି ଦେଖାଯାଉଛନ୍ତି । ଶ୍ୟାମବାବୁ ରାଧିକା ଦେବୀଙ୍କୁ ଅନେଇଲେ । ନିଘୋଡ ନିଦରେ ସେ ଶୋଇଛନ୍ତି । ରାଧିକା ଦେବୀଙ୍କ ଉପରେ ଚଦର ଘୋଡେଇ ଦେଲେ । ତାଙ୍କର ବାହାଘରକୁ ଏବେ ୧୨ ବର୍ଷ ହୋଇଗଲାଣି । ତନ୍ଦ୍ରାକୁ ଏବେ ୧୦ ବର୍ଷ । ପଞ୍ଚମରେ ପଢୁଛି । ତାଙ୍କ ଦାମ୍ପତ୍ୟ ଜୀବନ ବେଶ୍ ହସଖୁସିରେ ଚାଲିଛି । ଏବେ ବି ୧୨ ବର୍ଷ ତଳର ଘଟଣା ତାଙ୍କର ମନେ ଅଛି । ଝିଅ ଦେଖିବାକୁ ଯାଇଥିଲେ ରାଧିକା ଦେବୀଙ୍କ ଘରକୁ । କଟକ

ଚଣ୍ଡି ମନ୍ଦିର ପାଖରେ ତାଙ୍କର ଘର । ଘରେ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ଚଣ୍ଡି ମନ୍ଦିରରେ ଆଳତୀ ଆରମ୍ଭ ହୋଇଯାଇଥିଲା । ଶ୍ୟାମବାବୁଙ୍କ ସହିତ ତାଙ୍କର ବଡ ଭାଇ ଓ ଜଣେ ବନ୍ଧୁ ଯାଇଥିଲେ । ରାଧିକା ଦେବୀଙ୍କ ସହ ପ୍ରାୟ ୨୦ ମିନିଟର ଦେଖାସାକ୍ଷାତ ହୋଇଥିଲା । ପୁରା ସକ୍ଷାତକାରରେ ରାଧିକା ଦେବୀ ତାଙ୍କୁ କେବଳ ୨ଥର ଚାହିଁ ଥିଲେ । ତା ପୁଣି ଆସିବା ଓ ଯିବା ବେଳର ନମସ୍କାର ସମୟରେ । ରାଧିକା ଦେବୀ ଉଚ୍ଚ ଶିକ୍ଷିତା ଥିଲେ ବି ସରଳ ମନେହେଉଥିଲେ । ବହୁତ ହୋମ୍‌ଲି ଲାଗୁଥିଲେ । ଶ୍ୟାମବାବୁଙ୍କୁ ବେଶି ଭଲ ଲାଗିଥିଲା ରାଧିକା ଦେବୀଙ୍କର ହସ । କଥା ହେବାବେଳେ ମୁହଁରେ ସର୍ବଦା ଟେନାଏ ସ୍ମିତ ହାସ୍ୟ ଲାଗିରହୁଥିଲା ।

ଶ୍ୟାମବାବୁଙ୍କର ନଜର ପୁଣି ରାଧିକା ଦେବୀଙ୍କ ଉପରେ ପଡିଲା । ଗୋଟିଏ ମଶା ତାଙ୍କ ମୁହଁ ଉପରେ ଗୁଣୁଗୁଣୁ ହଉଥିଲା । ଶ୍ୟାମବାବୁ ମଶା ଟିକୁ ଘଉଡାଇ ମଶା ଧୂପ ଲଗାଇଲେ । ବାଳ ଗୁଡାକ ମୁହଁ ଉପରେ ଅଜାଡି ହୋଇ ପଡିଥିଲା । ଧିରେ ଧିରେ ବାଳ ଗୁଡାକୁ ସଜାଡି ଦେଲେ । ବାମପଟ ଗାଲ ଉପରେ ପଡିଥିବା ବାଳ ଗୁଡାକୁ ସଜାଡିଲା ବେଳେ ବାମ ପଟ ଗାଲରେ ଥିବା ତିଳ ଚିହ୍ନଟା ସ୍ପଷ୍ଟ ଦେଖାଗଲା । ଏହି ତିଳ ଚିହ୍ନଟା ରାଧିକା ଦେବୀଙ୍କ ଗୋଲ ମୁହଁକୁ ଭଲ ମାନୁଥିଲା । ହଠାତ୍ ସେହି ମଶାଟି ଆସି ରାଧିକା ଦେବୀଙ୍କ ଗାଲ ଉପରେ ବସିଲା । ତାଙ୍କ ଅଜାଣତରେ ଗାଲଟି ଦୋହଲିଗଲା । ଶ୍ୟାମବାବୁ ସେହି ତିଳ ଚିହ୍ନକୁ ନିରେଖି ଅନେଇଲେ । ଠିକ୍ ସେହି ଜାଗାରେ ମନେହେଲା ଯେମିତି ଏକ ଡିମ୍ପଲ ( ହସିଲେ ଗାଲ ଭିତରକୁ ପଶିଯିବା) ସୃଷ୍ଟି ହୋଇଛି । ଠିକ୍ ପ୍ରିତୀ ଜିଣ୍ଟା ଭଳି । ଶ୍ୟାମବାବୁ ଭଲକରି ଅନେଇଲେ । ଆରେ ସତେ ତ । ଠିକ୍ ସେହି ସ୍ପଟ୍ । ସେହି ଡିମ୍ପଲ । ଶ୍ୟାମବାବୁ ପୁଣି ଫେରିଗଲେ ୧୨ ବର୍ଷ ତଳକୁ ।

ଶ୍ୟାମବାବୁ ଯେଉଁଦିନ କଟକ ଯାଇଥିଲେ ରାଧିକା ଦେବୀଙ୍କୁ ଦେଖିବାକୁ ସେଦିନ ରାଧିକା ଦେବୀ କେବଳ ଏକମାତ୍ର ପାର୍ଥୀ ନ ଥିଲେ । ସେ ଥିଲେ ଦ୍ୱିତୀୟ ଝିଅ । ତା ଆଗରୁ ଦ୍ୱିପହର ସମୟରେ ସେ ଆଉ ଗୋଟେ ଝିଅ ଦେଖିଥିଲେ । ତାଙ୍କ ନାଁ ଥିଲା ସ୍ନିଗ୍ଧା । ରାଧିକା ଦେବୀଙ୍କଠୁଁ ୨ ଇଞ୍ଚ ଲମ୍ବା ହେବେ । କଟକର ବଦାମବାଡି ବସ୍ ଷ୍ଟାଣ୍ଡ ପାଖରେ ତାଙ୍କର ଘର । ଦୁଇ ମହଲା ଘର । ମେ ମାସର ଉଦୁଉଦିଆ ଖରା । ତାଙ୍କ ଘରେ ପହଞ୍ଚିବା ବେଳକୁ ଅବସ୍ଥା ଅସମ୍ଭାଳ । ସମସ୍ତଙ୍କର ହଲ୍‌ରେ ବସିବାର ବ୍ୟବସ୍ଥା ହୋଇଥିଲା । ହଲ୍‌ରେ ଏସି ଲାଗିଥିଲା । ଥଣ୍ଡା ପବନ ବାଜିବାରୁ ମନ ତୃପ୍ତ ହେଲା । କିଛି ସମୟ ପରେ ସ୍ନିଗ୍ଧା ଆସି ସାମ୍ନା ଚୌକିରେ ବସିଲେ । ଲମ୍ବା ମୁହଁ । ସୁନ୍ଦର ସ୍ୱାସ୍ଥ୍ୟ ଏବଂ ଦେଖିବାକୁ ବି ସୁନ୍ଦରୀ । କଥାହେବା ବେଳେ ସିଧା ମୁହଁକୁ ଅନେଇ କଥା ହେଉଥିଲେ । ରାଧିକା ଦେବୀଙ୍କଠୁଁ ଅଧିକ ସ୍ମାର୍ଟ ଥିଲେ । ଆଉ

ଗୋଟେ କଥା ଯାହା ଶ୍ୟାମବାବୁଙ୍କୁ ବେଶି ପ୍ରଭାବିତ କରିଥିଲା ତାହା ଥିଲା ବାମ ପଟ ଗାଲର ଡିମ୍ପଲ । ସ୍ନିଗ୍ଧା କଥା ହେବାବେଳେ ବା ହସିବା ବେଳେ ବାମ ପଟ ଗାଲ ଟିକେ ଭିତରକୁ ପଶି ଯାଉଥିଲା । ସ୍ନିଗ୍ଧାଙ୍କ ମୁହଁକୁ ଡିମ୍ପଲ ଭଲ ମାନୁଥିଲା । ସମସ୍ତେ ପ୍ରଶ୍ନ ପଚାରି ସାରିବା ପରେ ଶ୍ୟାମବାବୁଙ୍କ ପାଳି ପଡିଲା । ଶ୍ୟାମବାବୁଙ୍କର କିଛି ପଚାରିବାର ବାକି ନଥିଲା । ସବୁ ପ୍ରଶ୍ନ ତାଙ୍କ ବଡ ଭାଇ ଓ ବନ୍ଧୁ ପଚାରି ସାରିଥିଲେ । ସେ ସମୟରେ ଝିଅଙ୍କୁ ମଧ ପଚାରିବାର ସୁଯୋଗ ଦେବା ଏକ ପ୍ରକାର ଫେସନ ହୋଇଯାଇଥିଲା । ଶ୍ୟାମବାବୁ କେବଳ ଏତିକି ପଚାରିଥିଲେ "ତୁମର ଯଦି କିଛି କହିବାର କିମ୍ବା ପଚାରିବାର ଅଛି ତାହେଲେ ପଚାର" । ସ୍ନିଗ୍ଧା ଶ୍ୟାମବାବୁଙ୍କ ଆଗରେ ଥୁଆହୋଇଥିବା ଖାଇବା ଜିନିଷ ଉପରେ ନଜର ପକାଇଲେ । ଖାଇବା ଜିନିଷ ସେମିତି ଥୁଆହୋଇଥିଲା । ଗରମରେ କିଛି ଖାଇବାକୁ ଇଛା ହେଉନଥିଲା । ସ୍ନିଗ୍ଧା ତାଙ୍କର ମନପସନ୍ଦ ଲସି ଓ କ୍ଷିରୀ ଖାଇବାକୁ ଅନୁରୋଧ କଲେ । ଅନୁରୋଧ ରକ୍ଷା କରି ସେତିକି ଖାଇଲେ ଓ ତାପରେ ପ୍ରସ୍ଥାନ କଲେ ।

ରାଧିକା ଦେବୀ ଓ ସ୍ନିଗ୍ଧା ଙ୍କୁ ଦେଖି ସାରିବା ପରେ ଶ୍ୟାମବାବୁ ବିଷମ ସମସ୍ୟାରେ ପଡିଲେ । କାହାକୁ ସେ ବାହାହେବେ । ୨ ଜଣ ଯାକ କେହି କାହାକୁ ଊଣା ନ ଥିଲେ । ରାଧିକା ଦେବୀଙ୍କ ପ୍ରସ୍ତାବ ବଡ ଭାଇଙ୍କ ଜଣେ ବନ୍ଧୁ ପଠେଇଥଲେ । ସ୍ନିଗ୍ଧାଙ୍କ ପ୍ରସ୍ତାବ ଶ୍ୟାମବାବୁ ନିଜେ ମାଟ୍ରିମୋନିଆଲ ସାଇଟ୍ ରୁ ବାହାର କରିଥିଲେ । ଶ୍ୟାମବାବୁ କାହାକୁ ଯେ ଜୀବନ ସଂଗିନୀ କରିବେ କିଛି ନିଷ୍ପତ୍ତି କରିପାରିଲେ ନାହିଁ । ପୁଅର ଏ ଅବସ୍ଥା ଦେଖି ତାଙ୍କ ବାପା ଘଟଣାଟିକୁ ନିଜ ହାତକୁ ନେଲେ । ବାପା ମା ଙ୍କ ଉପରେ ଏ ଦାୟିତ୍ୱ ଛାଡି ଦେଇ ଶ୍ୟାମବାବୁ ନିଜ କର୍ମକ୍ଷେତ୍ରକୁ ଫେରିଗଲେ । ବାପା ମା ୨ ଝିଅଙ୍କର ପରିବାର ବିଷୟରେ ବୁଝାବୁଝି କରି ଶେଷରେ ରାଧିକା ଦେବୀଙ୍କୁ ଚୟନ କଲେ । ବାପା ଓ ମାଙ୍କର ଏ ନିଷ୍ପତ୍ତିରେ ଶ୍ୟାମବାବୁ ଅରାଜି ନଥିଲେ । ସେ ଥରେ ହେଲେ ବାପା ଓ ମାଙ୍କୁ ଏ ବିଷୟରେ ପ୍ରଶ୍ନ ପଚାରି ନ ଥିଲେ । ତାଙ୍କର ବାହାଘରକୁ ୧୨ ବର୍ଷ ହୋଇଗଲାଣି । ଶ୍ୟାମବାବୁ ଘଡିକୁ ଅନେଇଲେ । ସମୟ ରାତ୍ରୀ ୨ ଟା । ଆଲବମ୍ ଗୁଡାକୁ ସଜାଡି ରଖିଲେ । ଜାମ୍ମୁ କାଶ୍ମିର ଭ୍ରମଣର କିଛି ଫଟୋ ବାହାରେ ଥିଲା ତାକୁ ଆଲବମ୍ ଭିତରେ ପୁରାଇଲେ । ଆଲବମ୍‌ର କିଛି ଅଂଶ ଖାଲି ରଖିଥିଲେ । ମହାନ୍ତି ବାବୁ ତାଙ୍କ କ୍ୟାମେରାରେ ଉଠିଥିବା ଫଟୋ ପଠାଇଲେ ତା ଭିତରେ ରଖିବେ । ଅନେକ ରାତି ହୋଇଯାଇଥିଲା । ଶ୍ୟାମବାବୁ ଲାଇଟ ଲିଭାଇ ଶୋଇପଡିଲେ ।

୨୦ ଦିନ ପରେ ।

ଶ୍ୟାମବାବୁଙ୍କ ଠିକଣାରେ ପ୍ୟାକେଟ୍ ଟିଏ ଆସି ପହଞ୍ଚିଲ। ପ୍ୟାକେଟ୍‌ଟି ବେଶ୍ ଭାରି ଥିଲା । ଶ୍ୟାମବାବୁ ପ୍ୟାକେଟ୍ ଖୋଲିଲେ । ଭିତରେ ଅନେକ ଫଟୋ ଥିଲା । ଜାମ୍ମୁ କାଶ୍ମିର ଭ୍ରମଣର ଫଟୋ । ମହାନ୍ତି ବାବୁଯେ ପଠାଇଛନ୍ତି ବୁଝିବାକୁ ବାକି ରହିଲା ନାହିଁ । ମହାନ୍ତି ବାବୁଯେ ଜଣେ କୁଶଳୀ ଫଟୋଗ୍ରାଫର ତାହା ସ୍ୱଷ୍ଟ ଜଣାପଡୁଥିଲା । ଫଟୋ ଗୁଡାକ ସତରେ ଚମତ୍କାର ଉଠିଥିଲା । ଫଟୋ ସହିତ ପ୍ୟାକେଟ୍ ଭିତରେ ଚିଠିଟିଏ ଥିଲା । ଶ୍ୟାମବାବୁ ଚିଠି ଖୋଲି ପଢିବାକୁ ଲାଗିଲେ ।

"ଆପଣଙ୍କର ମୋ କଥା ମନେ ନ ଥିବ । ମୋର କିନ୍ତୁ ମନେ ଅଛି । ୧୨ ବର୍ଷ ତଳେ ଆପଣ ଆମ ଘରକୁ ଆସିଥିଲେ" ।

ଶ୍ୟାମବାବୁ ଏତିକି ପଢି ଚିନ୍ତାମଗ୍ନ ହୋଇଗଲେ । କେଉଁଠୁ ଏ ଚିଠି ଆସିଛି । କିଏ ପଠେଇଛି । ଚିଠିର ଶେଷ ଲାଇନ୍ କୁ ନଜର ପକାଇଲେ । ଲେଖାଥିଲା

ଇତି

ସ୍ନିଗ୍ଧା ମହାନ୍ତି

ଶ୍ୟାମବାବୁ ହତବାକ । ଏ କିପରି ସମ୍ଭବ । କିଛି ସମୟ ନିରବତାରେ କଟିଗଲା । ତାପରେ ପୁଣି ପଢିବାକୁ ଆରମ୍ଭ କଲେ ।

"ଏ ସଂଯୋଗ ରେ ଆପଣ ଆଶ୍ଚର୍ଯ୍ୟ ହେଉଛନ୍ତି ନା । ମୁ ବି ଆଶ୍ଚର୍ଯ୍ୟ ହୋଇଥିଲି ଯେତେବେଳେ ଆପଣଙ୍କର ଫଟୋ ଦେଖିଲି । ମହାନ୍ତିବାବୁ ବି ଆଶ୍ଚର୍ଯ୍ୟ ହୋଇଥିଲେ । ୧୨ ବର୍ଷ ହୋଇଯାଇଥିଲେ ବି ଆପଣଙ୍କର ମୁହଁ ର ବେଶି କିଛି ପରିବର୍ତ୍ତନ ହୋଇନାହିଁ । ଖାଲି ଯାହା ସାମାନ୍ୟ ମୋଟା ହୋଇଯାଇଛନ୍ତି । ଆପଣଙ୍କ ଝିଅ ବହୁତ ସୁନ୍ଦରୀ ହୋଇଛି । ଠିକ୍ ଆପଣଙ୍କ ସ୍ତ୍ରୀ ଭଳି । ମୋ ପୁଅ ବି ଆପଣଙ୍କର ଝିଅ ବୟସର । ଆପଣ ତ ମୋ ବାପ ଘର ଦେଖିଛନ୍ତି । ଆମେ ଠିକ୍ ସେହି ଗଳିର ଶେଷ ଘରେ ରହୁଛୁ । ଆପଣଙ୍କୁ ଆମ ନିମନ୍ତ୍ରଣ ରହିଲା ନିଶ୍ଚୟ ଆସିବେ । ପତ୍ନୀ ଓ ଝିଅକୁ ସାଂଗରେ ଆଣି ଆସିବେ ।

ଇତି

ସ୍ନିଗ୍ଧା ମହାନ୍ତି
ସ୍ନିଗ୍ଧା ସଦନ
ବାଦାମ ବାଡି ଛକ
କଟକ

**-ଶ୍ରୀ ଗୌର ମୋହନ ବେହେରା**

**ଏ.ଇ.ଆର୍.ବି**



# ପୁଅ ପାଇଁ ମାଆର ଚିଟାଉ

**-ବିଜୟ ରାୟ**

ସେଦିନ ଡାକରେ ପୁଅର ଚିଠି ଆସିଲା । ସରଳା ପାଖକୁ । ଏମିତି ଗାଁ ଅଛି ଯେଉଁଠିକି ଟେଲିଫୋନ୍ ର ସୁବିଧା ନାହିଁ । ପୁଅ ବହୁତ ସମୟ କରି ଚିଠିଟି ଲେଖିଛି, ଶ୍ରମ କରି ମଧ୍ୟ ।

ବୋଉ, ଚଷମା କାଚରେ ଏ ଦୁଇଟା ଅକ୍ଷର ପଢିଦେଇ ସରଳା ଟିକେ ରହିଗଲା । ଯେତେବେଳେ ସେ ତା'ର ଏକମାତ୍ର ପୁଅର କେବଳ ବୋଉ ଥିଲା, ଏଇଟା କେତେ ମଧୁର ସମ୍ବୋଧନ ଟିଏ ନଥିଲା ସତେ । ପିଲାଟି ବେଳୁ ତା'ର ଏଇ ପଦିକ ଡାକକୁ, ହଜାର କାମରେ ବି ସରଳା ଉଚ୍ଛାଟିଆ ହୋଇ ଅପେକ୍ଷା କରିଥାଏ । ପିଲାବେଳେ ପୁଅ କୌଣସି ଦାବୀ ବା ଅଳି କଲା ବେଳେ ଏମିତି ଡାକୁଥିଲା । ବୋଉ ଡାକି ଦେଇ ସେ ରକି ଯାଉଥିଲା, ତା'ପରେ ତା'ର ସେଇ ବଡ ବଡ ଆଖିଦିଇଟାରେ ତାକୁ ଡବ ଡବ କରି ଚାହିଁଥାଏଯେ, ସେ ତାକୁ କୋଳକୁ ଟାଣି ନେଇଥାଏ । ହେଲେ, ଆଜିର ଚିଠିରେ ଲେଖାଥିବା, ଅତୀତର ସେଇ ଲୋଭନୀୟ ସାର୍ଥକତା ବହନ କଲାରବୋଧ ହେଲା ନାହିଁ । ପୁଅ ଲେଖିଛି, ବୋଉ, ତୁ ଗଲୁତ' ଆଉ ଆସିଲୁ ନାହିଁ । ଆମେ ତୋ ଆସିବା ବାଟକୁ ଚାହିଁ ରହିଛୁ । ନିର୍ମଳ (ଗାଁ ର ପିଲାଟିଏ ଯାହାକୁ ପୁଅ ସହରରେ ଗୋଟେ କମ୍ପାନୀରେ ଚାକିରୀ କରାଇ ଦେଇଛି) କୁ ପଠାଇଲି, ସେବି ସେମିତି ଫେରିଲା । ତା'କୁ ଫେରାଇ ଦେଲୁ । ତୋ ମନରେ କ'ଣ ଅଛି ଜାଣିପାରୁନାହିଁ । ଆଗରୁ ଗୋଟିଏ ଚିଠି ଦେଲି, ତାର ଉତ୍ତର ଦେଲୁ ନାହିଁ । ଏ ଚିଠି ପାଇଲା ମାତ୍ର ତୁ ଆସନ୍ତା ରବିବାର ବସ୍‌ରେ ବସିବୁ । ମୁଁ ବସ୍ ଷ୍ଟାଣ୍ଡରେ ତତେ ଅପେକ୍ଷା କରିଥିବି । ତୁ ନ ଆସିଲେ, ମୁଁ ବହୁତ ସମସ୍ୟାରେ ପଡିବି । ତୁ ଜାଣୁ, ତୋ ବୋହୁବି ଚାକିରୀ କରୁଛି । ତାକୁବି ଅଫିସ୍ ଯିବାକୁ ପଡୁଛି । ମତେ ବି । ମୋରତ ମାସରେ ପନ୍ଦର ଦିନ ବାହାରେ କଟୁଛି । ସେତେବେଳେ ତୋ ବୋହୂ ଘରେ ପିଲା ଦି'ଟା ଙ୍କୁ ନେଇ ଏକା । ତୋ'ର ନାତି ନାତୁଣୀ ଦି'ଟା ତତେ ଝୁରୁଛନ୍ତି । ବେଳକାଳ ଯାହା ତୁ ନରହିଲେ ଏଠି ନଚଳେ । ଆଜିକାଲି ଏମିତି ହେଲାଣି ଯେ, ସେମାନଙ୍କ ପାଇଁ ଆୟାଟିଏ

ମିଳୁନାହିଁ । ପୁଅ ସ୍କୁଲରୁ ଆସି ଆମେ ଅଫିସ୍ ରୁ ଫେରିବା ପର୍ଯନିତ ଗେଟ୍ ପାଖରେ ଉପବାସରେ ବସିରହୁଛି ଭଉଣୀ ସାଥିରେ । ତୋ ବୋହୂକୁ ସମୟ ବା କାହିଁ । କେତେବେଳେ ଜଳଖିଆ ବନାଇବ, ରୋଷେଇ କରିବ, ବାସନ କୁଶନ ସଫା ସଫି କରିବ । ଏତ ମହଙ୍ଗା ସହର, ଏଠି ରୋଷେୟା, ଘରକୁ ଚାକରାଣୀ ଟିଏ ରଖିବା କଷ୍ଟ । ତା'ପରେ, ବାହାରର ଲୋକ କିପରି ଚିତାକାଟି ଗଳାକାଟି ଫେରାର ହେଉଛନ୍ତି-କାହାକୁ ବିଶ୍ୱାସ ? ନିଜ ଲୋକଟିଏ ନ ହେଲେ ? ପିଲା ଦି'ଟା ହତଶିରୀ ହେଲେଣି । ଏତେ ସବୁ କାମ ସାରି ତୋ ବୋହୂ ଅଫିସ୍ ଯିବାକୁ କଷ୍ଟକର । ତା'ର ବି ସ୍ୱାସ୍ଥ୍ୟ ଖରାପ ହୋଇଗଲାଣି । ତୁ ଗଲା ଦିନରୁ ଘର ଧୂଆ ହୋଇନି । କୁକୁରଟା ତୋ ବିନା କଂଟା ହୋଇଗଲାଣି । ଗୋଟିଏ ଜାଗାରେ ବନ୍ଧା ହୋଇ ପଡିଛି । ଫୁଲଗଛ ଗୁଡା ପାଣି ବିନା ଶୁଖି ମରିଲେଣି । ଶାଶୁଙ୍କୁ ଖବର ଦେଇଥିଲି, ହେଲେ ସେ ମନା କରିଦେଲେ ଆସିବା ପାଇଁ । ତାଙ୍କର ବି ତ ପୁଅ ବୋହୂ ଅଛନ୍ତି । ଏତେ ସବୁ ସମସ୍ୟା ନେଇ ଚାକିରୀ କରିହେବ ନାହିଁ । ଚିଠି ପାଇଲା ମାତ୍ରେ ଆସିବୁ । ଗାଁରୁ ଚାଉଳ, ମୁଗ, ବିରି, ପରିବା ଯାହା ପାରିବୁ ଆଣିବୁ । ଏଠି ପରିବା ପତ୍ର ଭାରି ମହରଗ । ଆଳୁ ଖାଇ ଖାଇ ବିରକ୍ତ ହେଲୁଣି । ତୁ' ଗାଁ ରେ ରହିଲେ, ମୁଁ ତୋର ଭଲ ମନ୍ଦ ଦେଖି ପାରିବିନି । ଏ ବୟସରେ ତୁ ଆମ ପାଖେ ରହିବା ଉଚିତ୍ । ଯଦି ତୁ ନ ଆସୁ, ମୁଁ ଚାକିରୀଛାଡି ଗାଁରେ ରହିବି । ଆସନ୍ତା ରବିବାର ମୁଁ ବସ୍ ଷ୍ଟାଣ୍ଡରେ ଅପେକ୍ଷା କରିଥିବି । ନିଶ୍ଚେ ଆସିବୁ । ଇତି ତୋର ପୁଅ ।

ଚିଠିଟାକୁ ଏକା ରାହାକେ ପଢିଦେଇ, ସରଳା ପ୍ରଥମେ ଶୂନ୍ୟକୁ ଚାହିଁ ବସି ରହିଲା । କେଉଁ ଦୂର ଆକାଶର ଅନ୍ଧକାରକୁ ଚିରି ତାରାଗୁଡାକ ଦିକ୍ ଦିକ୍ କରୁଥିଲେ । ହୁଏତ ଏହି ତାରା ମାନଙ୍କ ଭିତରୁ ଜଣେ ହୋଇ ସେ ଏବେ ତାକୁ ଚାହିଁଥିବେ । ସେ କ'ଣ କରୁଛି ଦେଖିବା ପାଇଁ । ଯେମିତି ଜୀଇଁ ଥିଲାବେଳେ ସବୁ କାମରେ ନଜର ରଖିଥାନ୍ତି । ଝୁଣ୍ଟି ପଡିଲେବି ଧରିନିଅନ୍ତି । ସେଇ ଗାଁର ପୁରୁଣା ଘର ଅଛି, ସେଥିରେ ଲଟକିଛି ପୁରୁଣା ଦିନର ଫଟୋ । ଫଟୋକୁ ଚାହିଁଲା ସରଳା । ସେଇ ହସ ହସ ନିଦା ଚେହେରା । ସରଳା ମନରେ ଅଭିମାନ ଭରିଗଲା, ଏମିତି ଏକା କରି ଚାଲି ଯିବ ବୋଲି କ'ଣ ଏକାଠି ଚାଲିବାକୁ ହାତ ଧରିଥିଲ ।କେତେ ରାତି ଅନିଦ୍ରା କରାଇ ଓଡିଆ ପାଠ ପଢାଇଥିଲେ ତାକୁ । ଗଲାବେଳେ ଚଷମା ଟା ଛାଡି ଯାଇଥିଲେ ଯେ, ଆଜି ସେଇଥିରେ ସରଳା ତା ପୁଅର ଚିଠି ପଢୁଛି ।

ଅଭିମାନଟା ମନଭିତରେ ଗୁରେଇ ଘାଣ୍ଟି ହୋଇ ପୁଅ ପୁଅ ଉପରେ କେନ୍ଦ୍ରିଭୂତ ହେଲା । ବାପ ଛାଡିଗଲା ଯୋଗ୍ୟ ପୁଅ ଭରସାରେ, ବାକି ଜୀବନ ତା'ର ସୁରକ୍ଷିତ ରହିବ ! ହେଲେ, ସେ କଣ ଯାଣୁଥିବେ ସେ କିପରି ଅଛି ? ଏତେ ଏକୁଟିଆ, ଏତେ ନିଶହାୟ । ତାଙ୍କରି ଛାଡି ଯାଇଥିବା କଲମଟାକୁ ଧରି ସେ ଚିଠି ଲେଖି ବସିଲା-ପୁଅ ପାଖକୁ ।

ଆୟୁଷ୍ମାନ ପୁଅ, ମୋର ଆଶୀର୍ବାଦ ନେବୁ । ପିଲାମାନଙ୍କୁ ଦେବୁ । ତୋ ଚିଠି ଆଜି ପାଇଲି । ଲେଖିଛୁ ଯିବାପାଇଁ । ହେଲେ ଆସିଲା ଦିନ ମୁଁ ପଣ କରିଛି ଆଉ ତୋ ପାଖକୁ; ବୋହୁର ଘରକୁ କଦାପି ଯିବି ନାହିଁ (ପୁଅ ତା' ସ୍ତ୍ରୀ ନାଁ ରେ ସହରରେ ଜାଗା କିଣି ଘର କରିଛି) । ନ ଯିବା ପାଇଁ ଏ ଯେଉଁ ପଣ କରିଛି, ତା'ର କାରଣ ମଧ୍ୟ ଲେଖୁଛି । ତୁ ଜାଣୁ, ତୋ ଅଫିସ୍ ରେ ମହାନ୍ତି ବାବୁ ତୋ ପଡିଶା । ବଡ ଚାକିରୀ । ତା'ଙ୍କ ସ୍ତ୍ରୀ ବି ଚାକିରିଆ । ତାଙ୍କରି ମାଆଙ୍କୁ ଜାଣିଥିବୁ । ସେବି ମୋରି ବୟସପ । ସେଠି ଥିଲାଯାକ ତାଙ୍କରି ସହ ବେଳ-ଅବେଳରେ କଥା ପଦେ ଅଧେ ହେଉଥିଲି, କାମରୁ ଫୁରୁସତ ମିଳିଲେ । ଶୁଣିବୁ ସେ ବୁଢୀଙ୍କର କାହାଣୀ ? ପୁଅ ପାଖରେ ଶେଷଜୀବନ ସୁଖରେ କଟାଇବାକୁ ସେ ଗାଁର ଘରବାରି ଜମି ସବୁକିଛିକୁ ବିକ୍ରୀକରି ଦେଇଛନ୍ତି । ସେଇ ପଇସାରେ ସେଠାରେ କୋଠା କିଣା ହୋଇଛି । ତୁତ ନିଜେ ଜାଣିଛୁ, ମହାନ୍ତି ବାବୁର ସେଠି ଚାକିରିଆ ବୋହୁଟାର କ୍ଷୁରଧାର ପାଟି ସବୁବେଳେ ଚାଲିଧାଏ । ଗାଳିଫଜିତ୍ ଯେତକ-ସବୁ ସେଇ ବୁଢୀ ଶାଶୁ ପାଇଁ । ବୁଢୀକାଳେ ଯାଇଥିଲା ପୁଅର ଆଶ୍ରାରେ, ବୋହୁର ସେବା ଶୁସ୍ରୁସାରେ ଜୀବନର ଶେଷଦିନ ଗୁଡା ଟିକେ ଶାନ୍ତିରେ କଟାଇବାକୁ । ହେଲେ ବୁଢୀ କାନ୍ଦି କାନ୍ଦି ମୋ ପାଖରେ କହିଛି, ତା' ଦୁଃଖ କହିଲେ ବୋଲିଲେ ସରୁନାହିଁ । ରୋଷେଇବାସ, ବାସନ କୁସନ ସଫା, ଘରଧୁଆ, ଲୁଗାପଟା କାଚିବା, ଏପରିକି ଚାକିରିଆ ବୋହୁକୁ ସମୟ ନାହିଁଯେ, ତା'ର ପାଲଟି ଲୁଗାବି ବୁଢୀ ଧୁଏ ; ନାତୀ-ନାତୁଣୀଙ୍କ ଅଳିଅର୍ଦ୍ଦଳୀ, ବେଳେବେଳେ ମାଡ ଗାଳି ମଧ୍ୟ ସହିବାକୁ ପଡେ । ହେଲେ ମାଆର ଇରାଦା ଦେଖି ପିଲାମାନେ ବୁଢୀକୁ ଯେପରି ଚାକରାଣୀ ଆଖିରେ ଦେଖନ୍ତି । ବୁଢୀର ବୋହୁ ମଝିରେ ମଝିରେ ପୁଣି ଖୁଂଚା ଦିଏ, ଅଜଥା ଲୋକକୁ ପୋଷି ଅଧିକ ଖର୍ଚ୍ଚ ବଢିଯାଉଛି । ବୁଢୀ ସବୁବେଳେ ବୋହୀର ରଙ୍ଗଛଡା ପୁରୁଣା ଲୁଗାହିଁ ପିନ୍ଧେ । କେବେ ଖଣ୍ଡେ ନୂଆ ଲୁଗା କିଣି ଦେବାର ଦେଖାହୁଏନି । ଏଣୁ ବୁଢୀ ସେଠି କାହା ଘରକୁ ଯାଏନି କି ବାହାରକୁ ବାହାରେନି । କେବଳ ସଖାଳୁ ସଖାଳୁ କୁକୁରଟାକୁ ଗେଟ୍ ବାହାରକୁ

ଆଣିବାକୁ ହୁଏ – ନ ହେଲେ ସେଇଟା ଘରେ ଝାଡା କରିବ । ସବୁ କାମ ସାଙ୍ଗରେ କୁକୁର ସେବା ମଧ୍ୟ ରହିଛି । ଥରେ କାମ ବ୍ୟସ୍ତରେ କୁକୁରକୁ ପଦାକୁ ନେଇ ପାରିଲା ନାହିଁ । କୁକୁରଟା ବନ୍ଧା ହୋଇଥିବା ଯାଗାରେ ଝାଡା କଲା । ବୁଢୀର ଆଉ ପରିତ୍ରାଣ ନାହିଁ । ଅଫିସ୍ ଯାଉଥିବା ବୋହୁର କି ସେ କୋପମୂର୍ତ୍ତି । ଝାଡୁଟା ଶାଶୁ ଉପରକୁ ଫୋରାଡି ଦେଇ କହିଲା, ଯିଏ ଠିକ୍ ସମୟରେ ଠିକ୍ ରେ କାମ ନକରି ପାରିବ, ସେଇ ସଫା କରୁ । ତା ' ପରେ ଇଂରାଜୀରେ ଗାଳିଦେଇ ଚାଲିଗଲା । ଅଥଚ ସଖାଳୁ ଚା ' କପ୍ ଡେରିହେଲେ ଗାଳି । ପିଲାମାନେ ଜଳଖିଆ ଖାଇ ସ୍କୁଲ୍ ଯିବାରେ ଡେରି ହେଲେ ଗାଳି । ଅଥଚ ମହାରାଣୀ ଦିନ ଆଠଟାଯାଏ ପହଡ ଭାଙ୍ଗୁ ନ ଥିବେ । ପୁଣି ନ'ଅଟା ସୁଦ୍ଧା ଖାଇ ଅଫିସ୍ ବାହାରିବେ । ଖାଇବା ଡେରିହେଲେ ପ୍ରଳୟ । ସତେଯେପରି ଶାଶୁନୁହେଁ ଗୋଟାଏ ବର୍ତ୍ତନଖିଆ ଚାକରାଣୀ ବିଚାରୀ । ଦିନେ ଗେଟ୍ ଟା ଖୋଲା ଥିଲା ଯେ, ବୁଲା ଗୋରୁ ପଶି ଦୁଇ ଚାରିଟା ଫୁଲ ଗଛ ଖାଇଦେଲା, ସେଦିନ ବୁଢୀର କପାଳ ଫାଟିଲା । ମହାନ୍ତି ବାବୁ ବି ଆଛା ଦୁଇପଦ ବୁଢୀକୁ ଶୁଣାଇ ଦେଲା । ବୁଢୀ କାନ୍ଦି କାନ୍ଦି କପାଳ ନିନ୍ଦି ରହିଲା । ମୁଁ ଗାଁକୁ ଚାଲିଯାଅ କହିଲାକୁ, ବୁଢୀ କାନ୍ଦିପକେଇ କହିଲା, ଗାଁରେ ତ ମୋର କିଛି ନାହିଁ ।

ଏଥକୁ ତୁ ବିଚାର କର । ମହାନ୍ତି ବାବୁ ମା'ଭଳି ମୋରବି ଗୋଟିଏ ପୁଅ ଅଛି । ତା'ର ବି ସ୍ତ୍ରୀ ଅଛି । ମୋ ବୋହୂ । ସେବି ଧିରେ ଧିରେ ମୋ ଉପରେ ହାକିମୀ ଚଳାଇଲାଣି । ଗର୍ ଗର୍ ହେଲାଣି । ମୋର ବିତ ନାତି ନାତୁଣୀ ଅଛନ୍ତି । ସେମାନେ ବି ମା ' ଦେଖା ଦେଖି '-ଏ ବୁଢୀ' କହିଲେଣି । ପୁଣି ହାତଗୋଡ ଚଳେଇବେ । ତୋ'ର ବି ଖାନଗାନୀ ଦେଖାଇବାକୁ ବିଦେଶୀ କୁକୁର ଅଛି, ତାର ମଇଳା ସଫା କରିବାକୁ ମତେ ସୁଖ ଲାଗିବନାହିଁ । ତୋ'ର ବି ଗେଟ୍ ଅଛି, ଖୋଲା ରହିଯାଇପାରେ । ଟି ସେଟ୍ ଅଛି, କେବେ ବି ଭାଙ୍ଗିପାରେ । କିଚେନ୍ ଅଛି ରାନ୍ଧୁଣୀ ପାଲଟିବାକୁ । ମାର୍ବଲଦିଆ ଘର ଅଛି ଚାକରାଣୀ ସାଜି ପୋଛମାରିବାକୁ । ତୋର ବି ପିଲା ଅଛିଃ ଆୟା ସାଜିବାକୁ । ହେଲେ ଏ ସବୁ କରିବାକୁ ଆଉ ସେ ପାଇଁ ଅନିଭୋଗ ସହିବାକୁ, ମନ ନାହିଁ କି ଦିହର ଜୋର ନାହିଁ । ମୁଁ ଏଇଠି ଅଛି–ଗାଁରେ । ଭଲରେ ଅଛି । ମାଟି ଘରକୁ ଲିପିବା ପାଇଁ ଗାଁରେ ଗୋବର ଅଛି । ଭାଗ୍ୟକୁ ତୋର ହଜାର ଉସକାମକୁ ନ ମାନି ଗାଁର ଘରଡିହ, ଜମିବାଡି ମୁଁ ବିକ୍ରୀ କରିନାହିଁ । ସଂଜବେଳେ ଚଉରା ମୂଳେ ଦୀପ ଲଗାଇ ତୋର ସୁଖପାଇଁ ମା ' ବୃନ୍ଦାବତୀଙ୍କୁ ଶୁଭ ମନାସି ମୁଁ ଏଇଠି ଶାନ୍ତିରେ

ଦିନ କେଇଟା କଟାଇ ପାରିବି । ଏଠିବି ମୁଁ ଏକା ନାହିଁ । ତୋ ବାପା ଥିବା ବେଳର ସବୁ କଥା ମୋ ପାଖରେ ସାଇତା ଅଛି । ତାକୁ ନେଇ ମୁଁ ବଂଚି ବାରିବି । ଗାଁର କମଳୀ, ବିମଳୀ ମାନେ ସବୁସବେଳେ ମୋ ସେବାରେ ଅଛନ୍ତି । ଦୁଇ ଓଳି ଚୂଲୀ ମତେ ଜଳେଇବାକୁ ପଡୁନି - ସବୁ ସେଇ ପଡିଶା ଝିଅ କରୁଛନ୍ତି । ମୁଁ ବସି ବସି ତୋ ବାପାଙ୍କ ବହି ଗୁଡା ପଢୁଛି । ସେଥିକୁ ପୁଣି ତୋ ପିଲାଦିନର ସ୍ମୃତିଗୁଡାକ ମୋ ଚାରିପଟେ ଖେଳେଇ ହୋଇ ପଡୁଛି । ଜମି ବଖୁରାକୁ ଲଗାଇ ଦେଇଛି । ଯେତିକି ଧାନ ମୁଗ ହେବ ମୁଁ ଖାଇକରି ଢେର ବଂଚିବ । ତୋ ନିଅଣ୍ଟିଆ ସହରୀ ସଂସାରକୁ ସେଥିରୁ ପଠାଇ ପାରିବି । ଏଠି ମୁଁ ଖୁବ୍ ଭଲରେ ଅଛି । ସାହିପଡିଶାଏ ଖୁବ୍ ଯତ୍ନ ନେଉଛନ୍ତି । ମୁଁ ମରିଗଲେ ବି ଚିନ୍ତା କରିବୁ ନାହିଁ । ବାସୀ ମଢା ହେବାକୁ ସେମାନେ ଦେବେ ନାହିଁ । ନାସ୍କାର କରଗଦେବେ । ସେ ଭରସା ମୋର ଅଛି । ଯଦି ସୁବିଧା ମିଳେ ଆସି ସୁଦ୍ଧିବାଦୀ ହେବୁ । ମୋ ପାଇଁ ଚିନ୍ତାକରିବୁନି । ଲାଖିବୁ, ମୁଁ ନଗଲେ ତୁ ଖୁବ୍ ହଇରାଣ ହେବୁ - ଚାକିରୀ କରିପାରିବୁ ନାହିଁ । ଚାକିରୀତ ତୁ ନିଜ ପାଇଁ କରିଛୁ- ମୋ ପାଇଁ ନୁହେଁ । ତା' ଛଡା ତୁ ଏବେ ବଡ ହେଲୁଣି, ନିଜ ଦାୟୀତ୍ୱ ନିଜେ ସମ୍ଭାଳିବା ଶିଖ୍ । ତୋର ସର୍ବ କୁଶଳ ମନାସୀ ରହୁଛି । ତୋର ବୋଉ ।

**-ବିଦୟ ରାୟ**

**ସା- ଥାଲକୁଡି, ପୋ- ମଙ୍ଗଳପୁର,**

**ଜି-ଯାଜପୁର, ପିନ୍-୭୫୫୦୧୧, ଓଡିଶା**

**ମୋ-୯୯୩୮୪୧୮୫୯୬**



# ବାପା

**-ସୁରେଶ ଚନ୍ଦ୍ର ପରିଡା**

ମନର ସବୁଜ କାନଭାସ୍ ଉପରେ ବାରମ୍ବାର ଆଙ୍କି ହେଇଯାଉଥିଲା ସେ ଠାକୁଆ ଗାଲ ଆଉ ହାଡୁଆ ଦେହର ନିଷ୍ପାପ ଶରୀରଟା । ମନ କହୁଥିଲା ସେମିତି ସୁସଜ୍ଜିତ ହୋଇ ସାଇତି ରହନ୍ତାକି ସେ ନିର୍ଲିପ୍ତ ଚେହେରାଟି । ୭୭ ବର୍ଷର ରକ୍ତ-ମାଂସରେ ଗଢା ଶରୀରଟା 'ଶବ' ପାଲଟି ଯାଇଛି । ସତେ ଯେପରି ସୈନିକ ଯୁଦ୍ଧ କ୍ଷେତ୍ରରୁ ଫେରି ତା'ର କ୍ଲାନ୍ତ ଓ ଅବସନ୍ନ ଶରୀରକୁ ବିଶ୍ରାମ ଦେଉଛି ।

ମାଲଭାଇମାନେ ଛଅ ଖଣ୍ଡ ବାଉଁଶରେ କୋକେଇ ବାନ୍ଧିଲେ । ଶୋକ ସନ୍ତପ୍ତ ଶ୍ରଦ୍ଧାଳୁ, ପୁଅ-ବୋହୁ, ନାତି-ନାତୁଣୀ ଶେଷଥର ପାଇଁ ପୁଷ୍ପମାଲ୍ୟ ଦେଇ ପ୍ରଣାମ କଲାପରେ, ମାଲଭାଇମାନେ 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' ଉଚ୍ଚାରଣ କରି ଆମ୍ବୁଲାନ୍ସ ସାହାଯ୍ୟରେ ଶବକୁ ଶ୍ମଶାନରେ ପହଞ୍ଚାଇ ଦେଲେ । ମୁଖାଗ୍ନି ଦେଲା ବେଳକୁ କାହିଁ କେଉ ପାଖରେ ଥିବା ମସ୍‌ଜିଦ୍‌ରୁ ନମାଜ ପଢାର ଶବ୍ଦ 'ଆଲ୍ଲା ହୋ ଆକବର' ଶୁଣିପାରୁଥିଲି । ବୋଧହୁଏ ତାଙ୍କର ଆତ୍ମା ପରମାତ୍ମା ହୋଇଗଲା ବୋଲି ମନେକରୁଥିଲି । ହୁତ୍ ହୁତ୍ ଜଳୁଥିବା ଜୁଇରେ ଘିଅ ଢାଳିଲାବେଳେ ତାଙ୍କ ଶରୀରର ଉଷ୍ମତାରୁ ସତେ ଯେପରି ସବୁ ଆଶୀର୍ବାଦ, କଲ୍ୟାଣ ବାଷ୍ପ ହୋଇ ଅସଂଖ୍ୟ ଲୋମର ଛିଦ୍ର ଦେଇ ମୋ ଶରୀର ଭିତରେ ତୀକ୍ଷ୍ଣଭାବେ ପ୍ରବେଶ କରୁଥିଲା । ମଢା ଶୀତଳ ହେଲାପରେ କେଇଖଣ୍ଡ ଅସ୍ଥି ମାଟି କଳସରେ ଆଣିଲି । ବାପା ଆକାଶକୁ ଚାଲି ଗଲାପରେ ତାଙ୍କ ହାତଟା ଯେମିତି ମୋ ମୁଣ୍ଡ ଉପରେ ରହିଯାଉଛି । ମୋ ପାଇଁ ତାଙ୍କର ଜୀବନଯାକର ତ୍ୟାଗକୁ ଲୁହ ଓ କୋହରେ ଭିଜେଇ ସାଇତିରଖିବାକୁ ଚେଷ୍ଟା କରୁଥିଲି ମୁଁ ।

ଶେଷକୃତ୍ୟ ସାରି ଘରକୁ ଫେରିଲା ବେଳକୁ ବୋଉର ନୀର୍ଲିପ୍ତ ଆଖିରୁ ଝର ଝର ହୋଇ ଲୁହ ଝରୁଥିଲା । ଦୀର୍ଘ ସତାବନ ବର୍ଷ ଧରି ତାଙ୍କ ସୁଃଖ ଦୁଃଖର ସାଥୀ ଥିଲା । କେତେକେତେ ସାନବଡ ଟାଣ ପଥରରେ ବାନ୍ଧିଥିବା ସେତୁକୁ ମୃତ୍ୟୁର ଜୁଆର ଏକା ଝଲକାକେ ଭାଙ୍ଗିଦେଇଥିଲା । ଆସ୍ୱାସନା ଦେଲାରୁ ସେ ଲୁହକୁ କୋହରେ ଚାପିରଖିଲା । ଶୁଦ୍ଧିକ୍ରିୟା ପାଇଁ ସପରିବାରେ ଗାଁକୁ ଚାଲିଲୁ । ଗାଁରେ

ପହଂଚିଲା ପରେ ତାଙ୍କ ସାମ୍ରାଜ୍ୟ ମୋତେ ଅଟ୍ଟହାସ୍ୟ କରୁଥିଲେ । ମୁଁ ତାଙ୍କ ଇଚ୍ଛାକୁ ପୂରଣ କରିପାରି ନଥିଲି । ବହୁତ ଆଶା କରିଥିଲେ ସେ ଶେଷ ନିଃଶ୍ୱାସ ନିଜ ଗାଁ'ରେ ତ୍ୟାଗ କରିବେ । ସାରା ଜୀବନ ସେ ଗାଁ'ର ପାଣିପବନରେ କଟାଇଛନ୍ତି । କେବଳ ଶେଷ ୨-୩ ବର୍ଷ ରୋଗରେ ଆକ୍ରାନ୍ତ ଯୋଗୁଁ ସହରର ସେଇ ଆବଦ୍ଧ କାନ୍ଥ ଓ ହସ୍ପିଟାଲ୍ ର ଦୟନୀୟ ଶଯ୍ୟାରେ ତାଙ୍କୁ ବିତାଇବାକୁ ପଡିଥିଲା । ତା' ବି ତାଙ୍କ ଇଚ୍ଛା ବିରୁଦ୍ଧରେ ।

ଗାଁ'ରେ ତାଙ୍କର ବହୁତ ଚର୍ଚ୍ଚା । ଭଜନ-କୀର୍ତ୍ତନରେ ସେ ଥିଲେ ବେସ୍ ପାରଙ୍ଗମ । ଆଖପାଖ କେତେ ଖଣ୍ଡ ଗାଁ'ରେ ଯୁବକମାନଙ୍କୁ ନେଇ କେତୋଟି ସଂକୀର୍ତ୍ତନ ମଣ୍ଡଳର ଭିତିଭୂମି ସ୍ଥାପନ କରିଥିଲେ । ସେଥିପାଇଁ ତାଙ୍କର ସୁନାମ ଗାଉଥିଲେ ତାଙ୍କର ପ୍ରିୟ ଛାତ୍ରମାନେ । ଏବେ ଗାଁ'ରେ ସେ ଭଜନ-କୀର୍ତ୍ତନର ପୀଠସ୍ଥଳୀ ନାହିଁ । କେତେକ ସ୍ଥାନରେ ଏହା ଯୁବକମାନଙ୍କ କ୍ଲବ୍ ପାଲଟିଛି, ଆଉ କେତେକ ଯାଗାରେ ତାସ୍ ଖେଳ ଓ ରାଜନିତୀର ଆଡ୍ଡା ପାଲଟିଛି । ଗାଁ'ର ସେଇ ଜଙ୍ଗଲିଆ ବାଉଁଶବଣ ଆଉ ନାହିଁ । ପିଲାବେଳେ ଆମକୁ ସେଇ ବାଉଁଶବଣ ପାଖେ ଭାରି ଡର ଲାଗୁଥିଲା । ଲୋକେ କୁହନ୍ତି କେତେଜଣ ସେଠି ନିଛାଟିଆ ଖରାବେଳେ ଗଲାବେଳେ ଭେଟେଣା ହୋଇଛନ୍ତି । ଆଜି ନାହିଁ ସେଇ ବଡ ବଡ ଲିମ୍ବ ଗଛ, ତାଳ ଗଛ, କିଆବୁଦା ଓ କଣ୍ଟାଗଛର ଆବଦ୍ଧ ଗୋହରିଆ ଅଙ୍କାବଙ୍କା ଖାଲ-ଖମଣା ମାଟି ରାସ୍ତା । ପ୍ରସସ୍ତ ପକ୍କା ରାସ୍ତାରେ ପରିଣତ ହେଇଛି ସେ ସବୁ । ଚାଳ ଛପର ଘର ଓ ଝୋଟିପକା କାନ୍ଥ ଆଜି ଦେଖିବାକୁ ବିରଳ । ଚାଳ ଉପରେ କଖାରୁ, ନାଉ, ଜହ୍ନି ଆଉ ଗଡଗଡଉ ନାହାନ୍ତି । ବାଉଁଶ ଭାଡିରେ କାକୁଡି, ଛଚିନ୍ଦ୍ରା ଦେଖିବାକୁ ମିଳୁନାହିଁ । ବର୍ଷାଦିନର ସଂଧ୍ୟାବେଳେ ଓଦା ଓଦା ରୋଷେଇଘର ଚାଳରୁ ଧୂଆଁ ବାହାରୁଥିବା ଦୃଶ୍ୟ ଆଜି ବିରଳ । ଡିବିରୀ ଆଲୁଅଧରି ଗାଁ ମୁଣ୍ଡ ପଡିଆକୁ ଆଉକେହି ପୋଖରୀପାଣି ଆସୁନାହାନ୍ତି । ସମସ୍ତଙ୍କ ଘରେ ପାଇଖାନାର ବ୍ୟବସ୍ଥା ହେଇଗଲାଣି ।ପଉଷର ଧାନକଟା ବିଲ, ଭାଦ୍ରବର ଗର୍ଭଣା ଧାନକିଆରୀ ହିଡରେ ବୁଦା ବୁଦା ଘାସଫୁଲ, ପଉଷ ଜାଡ ସକାଳର ନିଆଁପୂଆ ଆଉ ଏବେ ଦେଖିବାକୁ ମିଳେନାହିଁ । ସଂଜବେଳେ ଭାଗବତ ଟୁଙ୍ଗୀରେ ଘଣ୍ଟ କାହାଳୀର ଶବ୍ଦ ଆଉ ଶୁଭୁନାହିଁ । କେତୋଟି ପୁରୁଣା ପ୍ରଥା ଓ ପର୍ବପର୍ବାଣୀକୁ ଲୋକଆଉ ପାଳୁନାହାନ୍ତି । ଗାଁ ସ୍ମଶାନକୁ ଜବରଦଖଲ କରି କେତେଟା ଘର ତିଆରି ହେଇଛି । ବାପାଙ୍କ ପ୍ରେତକର୍ମ କରିବା ପାଇଁ, ଦଶତୁଠରେ ବହୁତ ଅସୁବିଧା । ଯାହାହେଉ ସବୁକର୍ମ

ସୁରୁଖୁରୁରେ ସରିଲା । ବୋହୁମାନଙ୍କୁ ରାତିରେ ଭୀଷଣ ଡର ଲାଗୁଥାଏ । ବାପା କୁଆଡେ ସେମାନଙ୍କୁ ଡରାଉଛନ୍ତି । ପିଲାମାନେ କେମିତି ଡରିବେନି ସେଥିପାଇଁ ସେମାନେ କବଚର ବ୍ୟବସ୍ଥା କରିସାରିଥିଲେ । ଚଉଦଦିନ କର୍ମସାରି ପୁଣି ସମସ୍ତେ ନିଜ ନିଜର କର୍ମକ୍ଷେତ୍ରକୁ ଫେରିବାପାଇଁ ବ୍ୟବସ୍ଥା କଲେ ।

ଗାଁ'ର ସବୁ ବାପାମାନଙ୍କଠୁ ଭିନ୍ନ ଥିଲେ ମୋ ବାପା । ତାଙ୍କ ଆଖିକୋଣରେ ମୋ ପାଇଁ ଅନେକ ସ୍ୱପ୍ନ ପୁଂଜିଭୂତ ହୋଇ ଉବୁଟୁବୁ ହେଉଥିଲା । ବିରାଟ ଆଶାର ଆକାଶରେ ମୁଁ ଗୋଟେ ସଫା ଜହ୍ନ ହୋଇ ଫୁଟିବି, ଏହା ଥିଲା ତାଙ୍କ କଳ୍ପନା । ଅଭାବ ଆନାଟନର ସଂସାର ଚଳାଇ ମତେ କେମିତି ବଡ ମଣିଷ କରିବେ, ତାକୁ ଚିନ୍ତା କରି କରି ଦିନ କାଟୁଥିଲେ । ସେଥିପାଇଁ ସବୁବେଳେ ସେ ମତେ ତାଗିଦ୍ କରୁଥିଲେ । ଖରାପ ପିଲାଙ୍କ ସାଥିରେ ସାଙ୍ଗ ନ ହେବା, ପାନ, ସିଗାରେଟ୍, ଚା ଅଭ୍ୟାସ ନକରିବାକୁ ବାରମ୍ବାର ତାଗିଦ୍ । ଭଗବାନଙ୍କ ପାଖେ ସର୍ବଦା ଲୟ ରଖିବାକୁ ଅହରହ ଶିକ୍ଷା ଦେଉଥିଲେ । ମଜୁରୀ ଲାଗୁଥିଲେ ବି ସେ କେବେ କର୍ତ୍ତବ୍ୟରେ ଅବହେଳା କରନ୍ତି ନାହିଁ । ଅନ୍ୟର କାମକୁ ସେ ସଦାସର୍ବଦା  ନିଜ କାମପରି ଭାବୁଥିଲେ ।  କର୍ତ୍ତବ୍ୟନିଷ୍ଠା ମୁଁ ଶିକ୍ଷା କରିଥିଲି ବାପାଙ୍କ ଠାରୁ । କଲେଜ୍ ପଢିଲା ବେଳେ ଛୁଟିରେ ଗାଁକୁ ଆସିଲେ ସବୁ ଗୁରୁଜନ ମାନଙ୍କୁ ନମସ୍କାର କରିବାକୁ ରିତିମତ ଉପଦେଶ ଦେଉଥିଲେ । ବାପାଙ୍କର ସେଇ ସବୁ ଶିକ୍ଷା ମୋତେ ଗାଁର ଅନ୍ୟପିଲାଙ୍କଠାରୁ ନିଆରା କରି ଗଢିହେବା ପାଇଁ ସାହାଯ୍ୟ କରିଥିଲା । ତାଙ୍କର ଦୃଢ ଇଚ୍ଛାଶକ୍ତି ମୋତେ ଆଗକୁ ବାଟ କଢେଇ ନେଉଥିଲା । ମାଟ୍ରିକ୍ ପରୀକ୍ଷାରେ ଫାଷ୍ଟକ୍ଲାସ୍ ପାଇବା ଦିନ ବାପାଙ୍କ ଆଶାର ଆକାଶରେ ଆହୁରି ଲକ୍ଷେ ତାରା ଫୁଟିଗଲାଭଳି ଲାଗୁଥିଲା । ସହରରେ ବଡ କଲେଜରେ ମୁଁ କେମିତି ପାଠ ପଢିବି ସେଥିପାଇଁ ଅଦମ୍ୟ ଉଦ୍ୟମ କରୁଥିଲେ । ସମ୍ବଳ ନ ଥିଲେ ବି ଅଣ୍ଟାଭିଡିଥିଲେ । ସହରରେ ରହି ପାଠ ପଢୁଥିଲେ ବି ଗାଁରେ ବାପାଙ୍କ ପରିସ୍ଥିତିକୁ ମୁଁ ବେଶ୍ ଅନୁଭବ କରିପାରୁଥିଲି । ମେସ୍ ଭତ୍ତା ଦେବାପାଇଁ ବାପା ସହରକୁ ପ୍ରତି ମାସରେ ଥରେ ଆସନ୍ତି । ରାତିରେ ମୋ ପାଖରେ ରହି ତାପରଦିନ ବଢି ଭୋରୁ ଗାଁ'କୁ ଫେରିବାବେଳେ ତାଙ୍କ ଆଖିରୁ ଅନର୍ଗଳ ଅଶ୍ରୁ ବୋହିଯାଏ । ବଡଦାଣ୍ଡର ବସ୍ ଷ୍ଟାଣ୍ଡ ପାଖେ ବାପାଙ୍କୁ ଛାଡି କିଛିବାଟ ଫେରିବା ପରେ ବୁଲି ଚାହିଁଲେ ବାପା ଏକ ନିର୍ବାକ ସ୍ତମ୍ଭପରି ଠିଆ ହୋଇଥିବାର ବହୁବାର ଦେଖିଛି । ବାପାଙ୍କ ଆଖିର ଲୁହ, ତାଙ୍କ ସ୍ନେହଁ, ତାଙ୍କ ଆଶା, ମୋ ଇଚ୍ଛାକୁ


ଦୃଢ଼ିଭୂତ କରିଥିଲା । କଲେଜ୍ ପଢ଼ାସାରି ଚାକିରି କରିବା ପର୍ଯ୍ୟନ୍ତ ସବୁବେଳେ ବାପାଙ୍କ ଆଦର୍ଶ ମୋତେ ଆନୁପ୍ରାଣିତ କରିଥିଲା । ଦୀର୍ଘ ଦୁଇହଜାର କିଲୋମିଟର ଦୂରରେ ରହିଲେ ବି ଆତ୍ମୀୟତା କେବେ ଦୂର ହୋଇନଥିଲା । ବାପାଙ୍କୁ ଚିଠି ଲେଖୁଥିବା ବେଳେ ଲୁହରେ ବେଳେ ବେଳେ ଫର୍ଦ୍ଦ ଗୁଡାକ ଓଦା ହେଇଯାଏ । ବାପା ପଠାଇଥିବା ଚିଠି ପଢ଼ିଲାବେଳେବି । ମୋ ଉପରେ ଥିଲା ତାଙ୍କର ଅଗାଢ଼ ବିଶ୍ୱାସ । ବଡ ପୁଅ ହିସାବରେ ଘରର ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଥିଲେ । କର୍ତ୍ତବ୍ୟ ଭାବି ସବୁ ଦାଇତ୍ୱକୁ ମୁଣ୍ଡଉପରେ ନେଇ ପାରୁପର୍ଯ୍ୟନ୍ତ ତୁଲାଇବାକୁ ଚେଷ୍ଟା କରୁଥିଲି । ତାଙ୍କର ବହୁ ଆଙ୍କାକ୍ଷିତ ଲମ୍ବା ଝରକାର କୋଠା ଘର ତିଆରି କଲି । ବୋହୁମାନଙ୍କ କୁଣ୍ଠିତ କିନ୍ତୁ ସୁପ୍ତ ଇଚ୍ଛା ବିରୁଦ୍ଧରେ ଅନେକ କାମକରିବାକୁ ପଡିଛି । ଅବସନ୍ନ ଜୀବନର କେଇଟାବର୍ଷ ସେ ସେଇ କୋଠାଘରେ ବିତାଇଛନ୍ତି । ତା ପରେ ବାର୍ଧକ୍ୟ ଜନିତ ରୋଗର ରିତିମତ ଚିକିସ୍ଛା ପାଇଁ ବାଧ୍ୟ ହୋଇ ଗାଁ ’ ଛାଡି ମୋ ପାଖରେ ରହିଥିଲେ ।

ଚଉଦ ଦିନର ସବୁ କାମ ସରିଲା ପରେ ବନ୍ଧୁ ବାନ୍ଧବଙ୍କୁ ବିଦାକଲି । ରାତି ଅଧରେ ସେଇ କୋଠାଘରର ବିସ୍ତାର ଝରକାର ରେଲିଂ ଦେଇ ଉନ୍ମୁକ୍ତ ଆକାଶରେ ଅଗଣିତ ତାରାଙ୍କ ଭିତରେ ବାପାଙ୍କୁ ଖୋଜୁଥିଲି । ମନେପଡୁଥିଲା ଆଖିବୁଜିବାର କିଛିଦିନ ପୂର୍ବରୁ ବାପା ମତେ ପାଖରେ ବଷେଇ କହିଥିଲେ, ‘ତୁ ମୋର ସବୁ ଋଣ ସୁଝି ସାରିଛୁ ’। ଆଉ ମୁଁ ନିଜକୁ ପ୍ରଶ୍ନ କରୁଥିଲି ‘ବାପାଙ୍କ ଋଣ କଣ ପିଲାମାନେ ସୁଝି ପାରନ୍ତି ?’

**-୫୨, ମସୁରୀ,**

**ଅଣୁଶକ୍ତିନଗର, ମୁମ୍ବାଇ, ୪୦୦ ୦୯୪**

**ମୋବାଇଲ୍-୯୮୭୦୨୧୪୮୨୨**



# କଳଙ୍କିତ ନାୟକ

**-ସୁଦର୍ଶନ ଦୀକ୍ଷିତ**

ସେଦିନ ଖବରକାଗଜରେ ବଡ଼ ବଡ଼ ଅକ୍ଷରରେ ଛପା ଯାଇଥିବା ଚାଞ୍ଚଲ୍ୟକର ବିବରଣୀକୁ ଆଜିର ଆଖି ସାମ୍ନାରେ ଥିବା ଲୋକ ସହିତ ତୁଳନା କଲେ ପ୍ରସଙ୍ଗଟା ଅପ୍ରାସଙ୍ଗିକ ମନେହୁଏ ।

ସେଦିନ ଖବରର ଶିରୋନାମା ଥିଲା "ପୁଲିସ ଚଢ଼ାଉ ସମୟରେ ମାଳିସାହିରୁ ଅନେକ ଗ୍ରାହକ ଗିରଫ" । ତା' ମଧ୍ୟରେ ଥିଲା ଏକ ପରିଚିତ ନାମ ବି.କେ.ନାୟକ । ଶୁଣିଛି ମାଳି ସାହି ଏକ ବଦନାମ ଗଳି, ନିଷିଦ୍ଧ ଇଲାକା । ଦିନରେ ସେଠାକୁ ଯିବାକୁ ଅପନିନ୍ଦାର ଭୟ ଆସେ । ରାତ୍ରୀର ଅନ୍ଧାର ଭିତରେ ବଦ୍‌ନାମ ଗଳି ଭିତରକୁ ଗଲେ ଦେଖିହୁଏ ଆଖି ଝଲମଲ ରଙ୍ଗୀନ ପ୍ରଜାପତିଙ୍କର ମେଳି ଆହୁରି ରଙ୍ଗୀନ ଫୁଲ ବଗିଚାରେ ।

ଦିନରେ ଯେଉଁମାନେ ମାଳିସାହିର ନାଁ ଶୁଣି ନାକ ଟେକନ୍ତି, ରାତି ହେଲେ ସେଇମାନେ ହିଁ ହାତରେ ଗଜରା ବାନ୍ଧି ଦେହରେ ଅତର ମାଖି ପାଟିରେ ପାନ ଖିଲ ମାରି ଆଗେଇ ଯାଆନ୍ତି ସେଇ ଚିର ପରିଚିତ ମାଳି ସାହିକୁ, ନିଜ ପୌରୁଷତ୍ୱର ପରାକାଷ୍ଠା ଦେଖାଇବା ପାଇଁ । ମୁହଁରେ ପାଉଡ଼ରର ପ୍ରଲେପ ମାରି, ଓଠରେ ଲିପ୍‌ଷ୍ଟିକ୍‌ର ମୋଟା ଆବରଣ ଦେଇ ଖସି ଯାଉଥିବା ବୟସକୁ ହାତ ମୁଠାରେ ଧରି ରଖିବାକୁ ପ୍ରଚେଷ୍ଟିତ । ପନ୍ଦରରୁ ପଞ୍ଚାବନ ପର୍ଯ୍ୟନ୍ତ ଦେହଜିବୀ ମାନେ ହିଁ ସେହି ମାଳି ସାହିର ଫୁଲ । ସେହିମାନେ ହିଁ ରାତ୍ରୀର ରାଣୀ । ପେଟ ପାଇଁ ମୁଠାଏ ଭାତ, ଦେହ ଲୁଚାଇବାକୁ ଖଣ୍ଡେ ଲୁଗା ପାଇଁ ଅନେକ ବାଟ ଅଛି । ହେଲେ ସେହି ଅନେକ ବାଟ ଭିତରୁ ଏହି ବାଟଟା ସେମାନେ ଖୁସିରେ ବାଛିନାହାଁନ୍ତି । ନିଜର ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜୀବନକୁ ତିଳ ତିଳ କରି ଜାଳି ଦିଅନ୍ତି ମାଂସ ଲୋଭୀଙ୍କ ହାତରେ । ଖେଳନା ସାଜନ୍ତି ତାଙ୍କରି ଶେଯରେ ରାତିକ ପାଇଁ କିଛି ଟଙ୍କା ବିନିମୟରେ । ଦେହର ମାଂସ ସବୁ ମାଂସ ଲୋଭୀମାନେ ପଳ ପଳ କରି ଝୁଣି ଖାଇଯିବା ବେଳେ ପେଟର ଜ୍ୱାଳା ପାଇଁ ସବୁ ସହିଯାଆନ୍ତି ସେହି ବଦ୍‌ନାମ ଗଳି ମାଳିସାହିର ବେଶ୍ୟା ।

ସେମାନେ ଖୁସି ମନରେ ବେଶ୍ୟା ହୋଇ ନଥିଲେ । ବେଶ୍ୟାର ବ୍ୟବସାୟ ଯେ ଏକ ଘୃଣ୍ୟ ବ୍ୟବସାୟ, ଏକ ନିଷିଦ୍ଧ ବ୍ୟବସାୟ ଏହା ଅନ୍ୟମାନଙ୍କ ପରି ସେମାନଙ୍କୁ ମଧ୍ୟ ଜଣା । କିଏ କେତେ ଯାତନା, ଲାଞ୍ଛନା ଯେ ସହି ନାହାଁନ୍ତି ଏଠାକୁ ଆସିବା ପୂର୍ବରୁ । କେତେ କପଟତା, କେତେ ପ୍ରବଞ୍ଚନା, କେତେ ବିଶ୍ୱାସଘାତକତାର ଉଦ୍‌ପୀଡ଼ନରେ ଏମାନଙ୍କର ଆଗମନୀ ଏହି ଅନ୍ଧଗଳି, ନିଷିଦ୍ଧ ଇଲାକା, ବଦ୍‌ନାମ ଗଳି ମାଳିସାହିକୁ ।

ଆଜି ବି.କେ.ନାୟକ ଯଦି ସାମ୍ନାସାମ୍ନି ଭେଟ ହୋଇ ନଥାନ୍ତି । ତେବେ ଦୁଇବର୍ଷ ତଳୁ ସେହି ବି.କେ.ନାୟକ ଚେହେରା ଓ ଗୁଣ ଚିରଦିନ ଭୂଲ୍ ବୁଝାମଣାର ନାଲଫିତା ତଳେ ଚାପି ହୋଇ ପଡ଼ି ରହିଥାନ୍ତା । ଜୀବନର ଏକ ସତ୍ୟକୁ ମୁଁ ଉଦ୍‌ଘାଟନ କରି ପାରିନଥାନ୍ତି ।

ସେଦିନ ମାଳି ସାହିରେ ପୁଲିସ୍ ଚଢ଼ାଉ ସମୟରେ ଧରା ପଡ଼ିଥିଲେ ବି.କେ.ନାୟକ । ମୋର ପୁରୁଣା ସହକର୍ମୀ । ପୁଲିସ୍‌ର ଜେରାବେଳେ ଦଲାଲମାନେ ନାୟକ ବାବୁଙ୍କୁ ଜଣେ ନିୟମିତ ଗ୍ରାହକ ଭାବରେ ପରିଚିତ କଲେ । ପୁଲିସ ଗିରଫ କରିନେଲା ନାୟକ ବାବୁଙ୍କୁ, କୋର୍ଟ ଚାଲାଣ କଲା । କୋର୍ଟରେ ବିଚାର ପରେ ଦୁଇବର୍ଷର ଜେଲଦଣ୍ଡ, ମହିଳାଙ୍କୁ ପାଶବିକ ଅତ୍ୟାଚାରର ଅପରାଧରେ ।

ଖବରପାଇ ନିଜ ଲୋକମାନେ ଦୂରେଇ ଗଲେ ଜଣ ଜଣ ହୋଇ । ଦୂରେଇ ଯିବା ସ୍ୱାଭାବିକ ମଧ୍ୟ । କିଏ ଚାହେଁ ଏପରି କଳଙ୍କିତ ବ୍ୟକ୍ତିର ସମ୍ପର୍କୀୟର ପରିଚୟ ଦେବାପାଇଁ ।

ତଥାପି ଭିନ୍ନ ଏକ ଉପାଦାନରେ ଗଢ଼ା ଯାଇଥିବା ମଣିଷ ଥିଲେ ସେ । ଅବିଚଳିତ ମନ, ଚିନ୍ତା ନଥିଲା କାରାବାସ ପାଇଁ । ଭୟ ନଥିଲା ସେ କଳଙ୍କର କଳାଦାଗ ପାଇଁ ।

ପତଳା ଲହଲହକା ଦେହ । ଉଜ୍ଜ୍ୱଳ ଆଖିରେ ଶିକ୍ଷାଦୀକ୍ଷାର ସୁସ୍ପଷ୍ଟ ରେଖା । ବିଚାର ବୁଦ୍ଧିଶକ୍ଷୀଳ ଲୋକଟା ନିଜର ବିବାହିତା ସ୍ତ୍ରୀ, ପରିବାର ଥାଉ ଥାଉ ବଦନାମ ଗଳିର ରାସ୍ତା ଧରିଲା କାହିଁକି ? ଅନେକ ଥର ଭାବିଛି ସେକଥା । ଶେଷରେ ମନର ଭାବକୁ ଚାପି ନପାରି ପଚାରିଲି କ'ଣ ପାଇଁ ତାଙ୍କର ଏ କୁ-ପଥର ଯାତ୍ରା ?

ମୋ' ପ୍ରଶ୍ନ ଶୁଣି ହସି ଉଠିଲେ ବି.କେ.ନାୟକ । ଖୁବ୍ ମନଖୋଲା ହସ ହସି ସାରିବା ପରେ ଏକ ଊର୍ଦ୍ଧ୍ୱ ଶ୍ୱାସ ମାରି କହିଲେ "ବନ୍ଧୁ ଅଜାଗା ଘା' ନା ଦେଖିହୁଏ, ନା' ଦେଖେଇ ହୁଏ । କେବଳ ତା'ର ବେଦନାକୁ ସହିବାକୁ ହୁଏ ଦାନ୍ତ ଚିପିଚିପି । କଷ୍ଟ ସହିବାକୁ ହୁଏ ଅନ୍ତର ଭିତରେ । ତଥାପି ପଚାରୁଛ ଯେତେବେଳେ ସେହି ଅନାଲୋଚିତ ଅଧ୍ୟାୟ ମୁଁ ତୁମକୁ କହିବି ନିଶ୍ଚୟ ।

ପାଠ ପଢ଼ା ସରିବା ସଂଗେ ସଂଗେ ମିଳି ଯାଇଥିଲା ଏକ କର୍ପୋରେଟ୍ ସଂସ୍ଥାରେ ଭଲ ଚାକିରୀ । ଭଲ ଦରମା ସାଙ୍ଗକୁ ସବୁ ପ୍ରକାର ସୁବିଧା ସୁଯୋଗ । ଆଉ ସେହି ସୁବର୍ଣ୍ଣ ମୂହୁର୍ତ୍ତରେ ଦେଖା ହେଲା ଲୋମା ସହିତ । ସୁନ୍ଦରୀ, ସୁଶ୍ରୀ ତଥା ଶିକ୍ଷିତା ଝିଅ ଲୋମା । ଦେଖା ଚାହାଁରୁ ପରିଚୟ । ପରିଚୟରୁ ସମ୍ପର୍କ ଆହୁରି ନିବିଡ଼ ହୋଇ ପ୍ରେମରେ ପରିଣତ ହେଲା । ଆଉ ପ୍ରେମର ତରୀ ବିବାହର କୂଳରେ ଲାଗିବା ପୂର୍ବରୁ ଏକ ଅଦିନିଆ ତୋଫାନରେ ହେଲା ବିଧ୍ୱଂସ୍ତ ।

ଦିନେ ବିଳମ୍ବିତ ସନ୍ଧ୍ୟାରେ ବୁଲାବୁଲି ସାରି ଦୁଇଜଣ ଯାକ ମୋଟର ସାଇକେଲରେ ଫେରୁଥିବାବେଳେ ଅନ୍ଧାରିଆ ଛକ ପାଖରେ ଛକିଥିଲେ ଦଳେ ଗୁଣ୍ଡା-ଶ୍ରେଣୀୟ ଯୁବକ । ସେମାନଙ୍କ ଆକ୍ରମଣର ଉଚିତ୍ ଜବାବ୍ ଦେଇ ମୁଁ ହେଲି ଶୋଚନୀୟ ଭାବେ ଆହତ । ମୋତେ ଗଛରେ ବାନ୍ଧି ଦିଆଗଲା । ଆଉ ମୋରି ଆଖି ଆଗରେ ସେଇ ମାଂସ ଲୋଭୀ ସଇତାନ ଗୁଡ଼ାକ ଜଣକ ପରେ ଜଣେ

ଧର୍ଷଣ କରି ଚାଲିଲେ ଲୋମାକୁ । କେବଳ ସେତିକି ନୁହେଁ ଦେହ ବେପାରରେ ଲଗାଇଲେ ଭଲ ପଇସା ମିଳିବ କହି ଉଠାଇ ନେଲେ ।

ମୋର କାକୁତି ମିନତି କେହିବି ଶୁଣିଲେ ନାହିଁ । ଖବରକାଗଜରେ ବାହାରିଲା ଖବର । ପୋଲିସ କିନ୍ତୁ ନିରବ ରହିଲା । ସେ ଘଟଣା ଯେମିତି ଅନ୍ୟମାନଙ୍କ ପାଇଁ ଥିଲା ଗୋଟେ ନିହାତି ଛୋଟ ଖବର ଯାହାର କୌଣସି ଗୁରୁତ୍ୱ ନଥିଲା ।

ପରିବାରର ବାଧ୍ୟବାଧକତାରେ ବିବାହ କଲି ଆଉ ଜଣକୁ । ହେଲେ ମନ କିନ୍ତୁ ଦେଇପାରିଲିନି । କେବଳ ଯାହା ସ୍ତ୍ରୀର ଦୈନିକ ଚାହିଦା ଅନୁସାରେ ତା' ଇଚ୍ଛାଅନୁସାରେ ସେ ମୋ ଦେହଟାକୁ ନେଇ ଖେଳିଲା । ଆଉ ସେହି ଅନିଚ୍ଛାକୃତ ଖେଳ ଭିତରେ ମୁଁ ହୋଇଗଲି ଗୋଟେ ଝିଅର ବାପା । ଏମିତି ଭାବରେ ଦିନ ଗଡ଼ି ଚାଲିଥିବାବେଳେ ହଠାତ୍ ଦିନେ ଗୋଟେ ଚିଠି ପାଇଲି ଲୋମାଠାରୁ । ଲେଖିଥିଲା, ସେ ନିଷିଦ୍ଧ ଇଲାକା, ବଦନାମ ଗଳି ମାଳିସାହିର ବାସିନ୍ଦା । ଚିଠିରେ ତାକୁ ସେ ନର୍କ ଭିତରୁ ମୁକ୍ତ କରିବା ପାଇଁ ତାକୁ ରକ୍ଷା କରିବାକୁ ଆକୁଳ ପ୍ରାର୍ଥନା କରିଥିଲା ।

ସେହିଦିନଠାରୁ ମାଳିସାହିର ବଦ୍‌ନାମ ଗଳିର ମୁଁ ହେଲି ନିୟମିତ ଯାତ୍ରୀ । ପ୍ରତ୍ୟେକ ରାତ୍ରୀରେ ହାତଖୋଲା ପଇସା ଦେଇ ଗ୍ରାହକ ସାଜି ଖୋଜି ବୁଲିଲି ଲୋମାକୁ, ମୋ ହୃଦୟକୁ, ମୋ ସ୍ପନ୍ଦନକୁ । ଯାହାର କରୁଣ ଚିଠିର ଭାଷା ମୋ ସତ୍ତାକୁ ଦୋହଲାଇ ଦେଇଥିଲା । ତାକୁ ଉଦ୍ଧାର କରିବାର ଆକୁଳ ପ୍ରାର୍ଥନାରେ ।

ଏଇମିତି ସେଦିନ ପୁଲିସ ଚଢ଼ାଉରେ ମୁଁ ମଧ୍ୟ ଧରା ପଡ଼ିଥିଲି । ତଥାପି ମୁଁ ସତ କହୁଛି ବନ୍ଧୁ, ମୁଁ ପ୍ରତି ରାତ୍ରୀରେ ଜଣେ ଜଣେ ନୂଆ ନୂଆ ତରୁଣୀର ଗ୍ରାହକ ହେଉଥିଲେ ମଧ୍ୟ ମୁଁ କୌଣସି ଯୁବତୀର ଦେହ ସୁଦ୍ଧା ସ୍ପର୍ଶ କରିନାହିଁ । ବରଂ ମୋ ଖୋଜିବା ହିଁ ଜାରି ରଖିଥିଲି ଏବଂ ସେହି ଭାଗ୍ୟହୀନାମାନଙ୍କୁ ସ୍ୱାସ୍ଥ୍ୟରକ୍ଷା ଓ ସମାଜସେବାର ଶିକ୍ଷା ଦେଉଥିଲି ।

ଆଜି ଦୁନିଆଁ ଆଗରେ ମୁଁ ଘୃଣ୍ୟ । ପରିବାର ପାଇଁ ଅଲୋଡ଼ା । ହେଲେ ସେଥିପାଇଁ ମୋ ମନରେ ଟିକେ ବି ଅନୁଶୋଚନା ନାହିଁ । ଦୁଃଖ  ମୁଁ ମୋ ଲୋମାକୁ ଖୋଜିବାରେ ଦୁଇବର୍ଷ ପଛୁଆ ରହିଗଲି ।

ମୁଁ ପୁଣି ଯିବି ବନ୍ଧୁ ସେହି ମାଳିସାହିକୁ । ଯେଉଁଠି ମୋ' ଲୋମା ରହୁଛି । ତାରି ସନ୍ଧାନରେ ସେହି ମାଳିସାହି ହିଁ ହେଉଛି ମୋର ଜୀବନର ଏକମାତ୍ର ଗନ୍ତବ୍ୟସ୍ଥଳ । ଯେତେ ରାତି ଆସିବ ସବୁ ରାତ୍ରୀରେ ମୋ ଗନ୍ତବ୍ୟସ୍ଥଳ ହେବ ମାଳିସାହି । ମାଳିସାହିର ବଦ୍‌ନାମ ଗଳି ହିଁ ହେବ ମୋ ତୀର୍ଥକ୍ଷେତ୍ର । କେବଳ ମୋ ପାଇଁ, ମୁଁ ଆଜି ଜୀବନ ଯୁଦ୍ଧରେ ପରାଜିତ ସୈନିକ ହେଲେ ବି ମୁଁ ବଦନାମ ଗଳି ମାଳିସାହିର ନାୟକ ।

ଗ୍ରା/ପୋ - କଣ୍ଟାବାଡ, ବଘମାରୀ,ଖୋର୍ଦ୍ଧା
ଓଡିଶା-୭୫୨୦୬୧, ମୋ -୦୯୪୩୭୨୧୨୮୯୩

# ଆଜ୍ଞା ଟିକେ ଶୁଣିବେ କି?

**-ସତ୍ୟରଞ୍ଜନ ଶାମଲ**

ଆପଣମାନେ ଶୁଣନ୍ତୁ, ମୁଁ କହୁଛି ଶୁଣନ୍ତୁ । ମୁଁ ଆଗ କହିସାରେ ପରେ ଯିଏ କହିବେ, ଇଛା ଥାଉ କି ନ ଥାଉ ଶୁଣିବାକୁ ପଡିବ କାରଣ ଆପଣ "ଅମୃତର ସନ୍ତାନ" । ଏ ଶୁଣିବାର ଯେମିତି ଆଜ୍ଞା ଗୋଟେ ଶେଷନାହିଁ । ଗୋଟିଏ ପରିବାରରେ ଯଦି ସ୍ୱାମୀ-ସ୍ତ୍ରୀ ଚାକିରିଆ ତାହେଲେ ପତ୍ନୀ ତାଙ୍କ ଚାକିରୀର ସବୁ ଚିନ୍ତାକୁ ଘରେ ଚାଉଳ ନାହିଁ, ଡାଲି ନାହିଁ, ପରିବା ନାହିଁ କହି ପତିଙ୍କ ଉପରେ ସାରିଦିଅନ୍ତି । ବିଚରା ସ୍ୱାମୀ ବାଧ୍ୟ ଶିଶୁଟିଏ ପରି ଏସବୁ ଶୁଣିବାକୁ ଧୈର୍ଯ୍ୟ ସଞ୍ଚୟ କରେ । ପୁଅ, ଝିଅ ଅଝଟ କରିବେ ଡ୍ରେସ୍ ନାହିଁ, ଜୋତା ନାହିଁ, ଖାତା ସରିଯାଇଛି । ଅଫିସ୍ ରେ ବସ୍ କହିବେ ଏତେ ଡେରିରେ ଆସୁଛ, କାଜୁଆଲ୍ ଲିଭ ନିଅ । ତେଜରାତି ଦୋକାନୀର ତାଗିଦ୍ "ବାକି ଟଙ୍କା ନ ଦେବା ଯାଏଁ ଆଉ ଜିନିଷ ମିଳିବ ନାହିଁ" । ଏମିତି ଅନେକ କଥା....

ଛୋଟବେଳେ ଜେଜେମା ପରୀରାଇଜର କାହାଣୀ ଶୁଣେଇଥିଲେ, ତା'ପରେ ବାପା, ମାଆ, ଗୁରୁଜନ' ଏଇଟା କରିବୁ, ସେଇଟା କରିବୁନି, ଏଇଟା ଖାଇବୁ, ସେଇଟା ଖାଇବୁନି, ବୈଜ୍ଞାନିକ ହେବୁ, ଇଂଜିନିୟର ହେବୁ, ନ ହେଲେ ସମାଜରେ ମୋ ସମ୍ମାନ ରହିବନି କହି ତାଗିଦ୍ କଲେ । ଘରେ, ବାହାରେ ଯେଉଁଆଡେ ଗଲେ ବି କେହି ଜଣେ ଆପଣଙ୍କୁ ଶୁଣେଇବା ପାଇଁ ବ୍ୟସ୍ତ । ଆପଣତ ଆଉ କାନରେ ତୁଳାଗେଂଜି ଚଲାବୁଲା କରିପାରିବେନି । ରାସ୍ତାରେ ଚାଲିଲେ ବସ୍ ଟ୍ରକ୍ର ହର୍ଣ୍ଣ, ସାଇକେଲ୍, ରିକ୍ସା ଘଂଟି, ବସଷ୍ଟାଣ୍ଡକୁ ଗଲେ କେତେ ରକମର କାନଫଟା ଚିତ୍କାର । ବାଲିଆ ବାଲିଗଞ୍ଜର ଶାନ୍ତି ମଲମ, ଅବ୍ୟର୍ଥ ମଲମ, ପରୀକ୍ଷା ପ୍ରାର୍ଥନୀୟ, କାହାର ମୁଣ୍ଡ ବିନ୍ଧୁଥିଲେ ଲଗାନ୍ତୁ ସଙ୍ଗେ ସଙ୍ଗେ ଆଜ୍ଞା ମୁଣ୍ଡବିନ୍ଧା ଛାଡିଯିବ । ସାହିରେ ବାହାବ୍ରତ ହେଲେ ବା ଗଣେଶ ପୂଜା ହେଲେ, ଦୁଇ ଚାରିଦିନ ମାଇକ୍ ବାଜିବ, ଇଛା ନଥିଲେ ବି ଆପଣ ଶୁଣିବାକୁ ବାଧ୍ୟ । ବର ବିଭାହେବା ପାଇଁ ଗଲେ, ଡି.ଜେ. ରେ ପଟୁଆର ବାହାରିବ । ଆପଣଙ୍କ କାନ ଫାଟିଗଲେ ବି ଆପଣ ସେ ଡି.ଜେ. ଗୀତ ଶୁଣିବେତ ନିଶ୍ଚୟ ।

ପ୍ରତିଦିନ ଶୁଣିବେ କେଉଁ ଏକ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀମାନେ ତାଙ୍କର ବୈଠକ କରୁଛନ୍ତି । ଆଉ ତାଙ୍କର ମାଇକ୍ ଆବଶ୍ୟକ । ସତେ ଯେମିତି ତାଙ୍କର ଆରାଧ୍ୟ ଦେବତା କାଲା ।

ଭୋଟ ପ୍ରଚାରବେଳେ ସଭାସମିତିରେ ଓଜସ୍ୱିନୀ ବକ୍ତୃତା ଶୁଣିବେ । ମୁଦ୍ରାସ୍ଫିତି କମେଇଦେବୁ, ମାଗଣାରେ ବିଜୁଳି ଦେବୁ, ବାସହୀନଙ୍କୁ ଘର ଯୋଗାଇଦେବୁ, ବେକାରୀ ଦୂର କରିବୁ...ଏମିତି ନାନା ପ୍ରଲୋଭନ ପରେ କ୍ଷମତାକୁ ଆସିଲେ ଶୁଣିବେ ଦରଦାମ କମିଛି, ରାଜ୍ୟରେ ଅନାହାର ମୃତ୍ୟୁ କମିଛି, ବେକାରୀ କମିଛି, ଇତ୍ୟାଦି । ମହାଭାରତ ଯୁଦ୍ଧ ପ୍ରାରମ୍ଭରେ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଯେଉଁ ଉପଦେଶ ଶୁଣେଇଥିଲେ, ସେସବୁ ଗୀତାରେ ସଂକଳନ କରାଯାଇଛି । ଆଜି ଯୁଗ ବଦଳିଯାଇଛି । ନୀତିବାକ୍ୟ ଶୁଣିବାକୁ କେହି ରାଜିନୁହେଁ । 'ସତ୍ୟ', 'ବିଶ୍ୱାସ', 'ସ୍ନେହ', 'ଭଦ୍ରତା', 'କର୍ତ୍ତବ୍ୟବୋଧ', ଏ ସବୁ କେବଳ ଅଭିଧାନର ଶବ୍ଦ ମାତ୍ର । ଏଇନେ ଚଳଚିତ୍ର ଅଭିନେତାଙ୍କ ବାଣୀ ଅକ୍ଷରେ ଅକ୍ଷରେ ମନେରଖିବା ଆମପାଇଁ ଯେମିତି ଏକ ଆବଶ୍ୟକତା ।

ବର୍ତ୍ତମାନ ଯିଏ ଯେତେ ଜୋରରେ ଶୁଣେଇ ପାରିଲା, ତା' କଥା ସମସ୍ତେ ଆଜ୍ଞା ଶୁଣିବେ । ଆପଣ ମୁହଁ ନଖୋଲି ଚୁପ୍ ଚାପ୍ ବସିଲେ କେହି ପଚାରିବେନି । ପୋକରା ବାଇଗଣ ବୀକାଳିର ଡାକ ଶୁଣିଥିବେ ନିଶ୍ଚୟ-କିଲୋ ୫ ଟଙ୍କା, ଖାଲି ଘିଅ ଏଇଠୁ ନିଅ । ସଙ୍ଗୀତ ଚର୍ଚ୍ଚାପାଇଁ ଶାନ୍ତ ପରିବେଶ, ସ୍ୱର, ତାଳ, ଲୟ, ସାଧନା ଏବଂ ସମଝଦାର ସ୍ରୋତା ଆବଶ୍ୟକ । କିନ୍ତୁ ଆଜିର ପରିପ୍ରେକ୍ଷିରେ ଏ ସବୁ ଲୋଡା ନାହିଁ । କାରଣ ଆମେ ସମସ୍ତେ ବ୍ୟସ୍ତ । ଡାକ୍ତର ପରାମର୍ଶ ଦେବେ ଦୁଧ, ଅଣ୍ଡା, ଫଳ ଖାଅ । ସିମଲା, ନୈନିତାଲ ବୁଲି ଆସ, ସ୍ୱାସ୍ଥ୍ୟ ପକ୍ଷେ ହିତକର । ଚାନ୍ଦାବାଲାଙ୍କ ରେଟ୍ ଖୁବ୍ କମରେ ୧୦୧ ଟଙ୍କା । ଆପଣଙ୍କ ଯାହା ସୁବିଧା, ଅସୁବିଧା ଥାଉନା କାହିଁକି, ଦେବାକୁ ପଡିବ । କାରଣ ଏଠି ସାଇ ସାଇ ଭିତରେ ମାନ ସମ୍ମାନ ନେଇ ପ୍ରତିଯୋଗିତା । କିଛି ଦିନ ତଳେ ଯାହା ଆପଣଙ୍କୁ ନୂଆ ଲାଗୁଥିଲା, ଏବେ ଦିହ ସୁହା ହୋଇଗଲାଣି । ତେଣୁ ବାଟରେ ଘାଟରେ. ରେଡିଓ, ଟେଲିଭିଜନରେ ସବୁବେଳେ ଶୁଣୁଛନ୍ତି ଯୌତୁକ ଜନିତ ମୃତ୍ୟୁ । ବିଧାନ ସଭାରେ ମୁଥ ମରା ମରି, ବ୍ୟାଙ୍କ ଡକାୟତି ଇତ୍ୟାଦି । ଗଣଧର୍ଷଣ ଶବ୍ଦଟି ଅବାଗିଆ ଲାଗିବାରୁ ଆମେ ବଦଳେଇ ଦେଇ ଏବେ କହୁଛୁ ଗଣଦୁଷ୍କର୍ମ । ତଥାପି ପ୍ରଥମ ଶ୍ରେଣୀର କୁନିଝିଅ ପ୍ରତି ଗଣଦୁଷ୍କର୍ମର ଖବର ଯେତେ ଲଜ୍ଜା ଲାଗିଲେବ ବି ଆପଣଙ୍କୁ ତ ଶୁଣିବାକୁ ପଡିବ । ଏଣିକି ଆହୁରି ଚମକପ୍ରଦ ଘଟଣା ସବୁ ଶୁଣିବାକୁ ପ୍ରସ୍ତୁତ ଥାଆନ୍ତୁ । ଏ ସବୁ

ରୋମାଞ୍ଚକର କଥା ଶୁଣିବାକୁ ଯେଉଁ ଆଗ୍ରହ, ତାକୁତ ଏଡିଦେଇ ହେବନି । ଅନେକ କଥା ବି ଅଛି, ଯାହା ଲୁଚି ଲୁଚି ଶୁଣିବାକୁ ଭଲ ଲାଗେ ଯେମିତିକି ନିଜ ବାହାଘର ବିଷୟରେ ଗୁରୁଜନ ମାନେ କଥା ହେଉଥିବା ବେଳେ । ସତ କହିବାକୁ ଗଲେ ପର ଚର୍ଚ୍ଚାରେ ଆମର ଦିନ ଆରମ୍ଭ ଆଉ ଶେଷ ବି ହୁଏ । ଏ ସବୁ ଶୁଣିଲେ ଆମକୁ କ୍ଲାନ୍ତି ବା ବିରକ୍ତି ଆସେନା । ନିଜର ପ୍ରଶସ୍ତି ଶୁଣିବା ପାଇଁ ଅବଶ୍ୟ ସମସ୍ତଙ୍କୁ ଭଲଲାଗେ । ଖୋସାମତିଆ କେତେଜଣ ଯେତେବେଳେ ଶୁଣାନ୍ତି, 'ଆପଣ ଏମିତି', ଆପଣଙ୍କ ଛଡା ଏ କାମ କିଏ କରିପାରିବ; ଛାତିଟା ଆପଣଙ୍କର କୁଣ୍ଢେମୋଟ ହୋଇଯାଏ ।

କ୍ରିକେଟ୍ ଖେଳ ସମୟରେ ଧାରା ବିବରଣୀ ଆପଣ ଯୁଆଡେ ଗଲେ ବି ଶୁଣିପାରିବେ । ଅଫିସ୍, ବ୍ୟାଙ୍କ, ପାନଦୋକାନ, ହୋଟେଲ୍, ସବୁଆଡେ ସମସ୍ତେ ଶୁଣୁଛନ୍ତି, କାମ କଥା ପରେ ଦେଖାଯିବ । ନିର୍ଦ୍ଧିଷ୍ଟ ଧର୍ମର ପ୍ରଚାରକ ମାନଙ୍କୁ ଦେଖିବେସ କେତେ ନିଷ୍ଠାର ସହିତ ସେମାନେ ଈଶ୍ୱରଙ୍କ ବାଣୀ ରାସ୍ତାକଡରେ ଶୁଣେଇ ଚାଲିଥିବେ ।

ଭଗବାନ ଆମକୁ ଦୁଇଟି କାନ ଆଉ ଗୋଟିଏ ପାଟି ଦେଇଛନ୍ତି । ବୋଧହୁଏ ଉଦ୍ଦେଶ୍ୟ ହେଉଛି ଆମେ ଶୁଣିବା ବେଶୀ, କହିବା କମ୍ । କିନ୍ତୁ ବହୁତ ଶୁଣିବା ପରେ ଏମିତି ଲାଗୁଛି ସତରେ, ଦୁନିଆରେ ଯେଉଁମାନେ ବଧିର, କେତେ ସୁଖୀ ସେମାନେ । ତାଙ୍କ ପାଇଁ 'ଶୃଣ୍ୱନ୍ତୁ ସର୍ବେ' - ସ୍ଲୋଗାନ ପ୍ରଯୁଜ୍ୟ ନୁହେଁ । କ'ଣ ଭାବୁଛନ୍ତି ଆପଣ ଆଜ୍ଞା ? ଶୀଘ୍ର ସିଦ୍ଧାନ୍ତ ନିଅନ୍ତୁ, ନିରବଛିନ୍ନ ଶାନ୍ତି ପାଇଁ କାନରେ ସୋରିଷ ତେଲ ପକାନ୍ତୁ । ନଚେତ୍ ଅପରେସନ କରାଇ ଦୟାକରି କାଲା ହୋଇଯାଆନ୍ତୁ । ମନେରଖିବେ ଅପରେସନ ଦେୟମୁକ୍ତ ନୁହେଁ ।

**-ନୂଆ ଗାଁ, ଲଙ୍ଗଳେଶ୍ୱର, ବାଲେଶ୍ୱର, ଓଡିଶା**



# ସୁନା ସଂସାର

**-ବିଶ୍ୱରଞ୍ଜନ ନାୟକ**

ମୁଁ ସୁନୀତା.....ସୁନୀତା ଦାସ । ଆଉ ମୋ ବିଷୟରେ ବେଶୀ ଜାଣିବାକୁ ଚାହୁଁଛନ୍ତି କି ଡାକ୍ତରବାବୁ ।

ନାଁ, ମୁଁ ଆପଣଙ୍କୁ ଭଲଭାବେ ଜାଣେ । ମୋ ନାଁ ମାନସ ମିଶ୍ର । ତେବେ ଆପଣଙ୍କ ସ୍ୱାମୀ ମାନେ ମୋ ସାଙ୍ଗ ଆଶୁତୋଷର ଚେକ୍‌ଅପ୍ ରିପୋର୍ଟ ଆସିଯାଇଛି । କିନ୍ତୁ ଆପଣଙ୍କ ସାଙ୍ଗେ ଆଉ କିଏ ଆସିନାହାନ୍ତି ।

ନା, କିନ୍ତୁ କାହିଁକି ? ରିପୋର୍ଟରେ ସବୁ ଭଲ ଅଛିତ ମାନସବାବୁ ?

ନାଇଁ ସେମିତି କିଛି ଚିନ୍ତା କରିବାର ନାହିଁ । ମୁଁ ସବୁ ସମ୍ଭାଳିନେବି । ଆପଣ କାଲି ଆସନ୍ତୁ ଦେଖିବା ।

ନାଁ, ମୋତେ କିଛି ଭଲ ଲାଗୁନାହିଁ । ଆପଣ କୁହନ୍ତୁ, ନ କହିବା ଯାଏଁ ମୁଁ ଏଠାରୁ ଯିବିନାହିଁ ।

ତାପରେ ଡାକ୍ତର କହିଲେ, "ଶୁଣନ୍ତୁ ସୁନୀତା ଦେବୀ, ଆଶୁତୋଷ ବ୍ରେନ୍ କ୍ୟାନ୍‌ସରରେ ପୀଡିତ । ବୋଧହୁଏ ଆଉ ତିନିମାସ ଏ ଦୁନିଆଁ ଦେଖିପାରିବ । ଆଉ ଚିକିତ୍ସା କରି ଲାଭ ନାହିଁ ।"

ଏ କଥା ଶୁଣି ମୋତେ ଲାଗିଲା, ମୋ ଚାରିପାଖର ପୃଥିବୀ ଯେମିତି ଘୁରିଯାଉଛି, ପାଦତଳୁ ମାଟି ଖସିଯାଉଛି । ଏତେ କଷ୍ଟ ହେଉଥିଲା ଯେ କାନ୍ଦିବାକୁ ଚାହିଁ କାନ୍ଦି ପାରୁ ନଥିଲି । ବସିପଡିଲି ସେଠି ମଥାରେ ହାତରଖି ।

ନିଜକୁ ସମ୍ଭାଳନ୍ତୁ ସୁନୀତା ଦେବୀ । ଏମିତି ଭାଙ୍ଗି ପଡନ୍ତୁ ନାହିଁ । ଆପଣଙ୍କୁ ବର୍ତମାନ ଧୈର୍ଯ୍ୟ ଧରିବାକୁ ପଡିବ ।

ହଁ, ଠିକ୍ କହିଲେ ମାନସବାବୁ "ଧୈର୍ଯ୍ୟ" ହେଲେ ନିଜେ ଜାଣିନି ଏଠୁ ଘରଯାଏଁ ଯାଇପାରିବି କି ନାହିଁ ।

ଘରକୁ ଆସି ଦେଖିଲି ଆଶୁତୋଷ ବେଡ୍‌ରେ ଶୋଇଛନ୍ତି । ମୋତେ ଦେଖୁ ଦେଖୁ ପଚାରିଲେ, ରିପୋର୍ଟ ଦେଖାଇଲ, ମାନସ କଣ କହିଲା । ତାଙ୍କ ମୁହଁକୁ ଚାହିଁବା ପାଇଁ ମୋର ସାହସ ନ ଥିଲା । କହିଲି, ମେଡିସିନ୍ ଖାଇଲେ ଖୁବ୍ ଶୀଘ୍ର ଠିକ୍ ହୋଇଯିବ, ତୁମେ ବ୍ୟସ୍ତ ହୁଅନାହିଁ । ମୁଁ ଅଛିନା । ତୁମକୁ ଭଲ କରାଇଆଣିବି, ଏ ହସ୍ପିଟାଲ୍ ନ ହେଲେ ସେ ହସ୍ପିଟାଲ୍‌ରୁ । ଭଲ ହେବାପାଇଁ କିଛି ଦିନ ଲାଗିବ ।

ମାନେ ତୁମେ କଣ କହିବାକୁ ଚାହଁ ସୁନୀତା ?

ନାଇଁ କିଛି ନାହିଁ । କିଛି ନାହିଁ ।

ତୁମେ ମୋତେ କିଛି ଲୁଚାଉଛ ।

ଓଃ, ତୁମେ ଏତେ ପ୍ରଶ୍ନ କଲେ ମୋତେ ବିରକ୍ତ ଲାଗେ । ଚୁପ୍ ଚାପ୍ ଆଉ ଶୋଇପଡ କହି ସେଠାରୁ ଉଠି ପଳେଇ ଆସିଲି । ବିଶ୍ୱାସ କରି ପାରୁନଥିଲି ଯେ ତିନି ମାସପରେ ତୁମର ଜୀବନ ଆଉ ମୋ ଜୀବନ ପୁରା ଅଲଗା ହୋଇଯିବ । ତୁମେ ସେ ପାରୀର ଯାତ୍ରୀ, ଆଉ ମୁଁ ଏ ପାରୀରେ ଯାତ୍ରା କରୁଥିବି ।

ମନେପଡୁଥିଲା ସେଦିନର କଥା, ମାନେ କଲେଜ୍‌ର ପ୍ରଥମଦିନ । ମୁଁ ଆଶୁତୋଷଙ୍କୁ ପ୍ରଥମଥର ପାଇଁ ଦେଖିଥିଲି । ୧୬ ଅଗଷ୍ଟ ୧୯୯୦ ମସିହା । ରେଭେନ୍‌ସା କଲେଜ୍ । ପି.ଜି.ର ପଦାର୍ଥ ବିଜ୍ଞାନର ପ୍ରଥମବର୍ଷ । ସାଧାରଣତଃ ସବୁ ଝିଅଙ୍କର ସ୍ୱପ୍ନ ଥାଏ, ତା ସ୍ୱପ୍ନର ରାଜକୁମାର ଦିନେ ନା ଦିନେ ଆସିବ ଆଉ ତାକୁ ରାଣୀକରି ନେଇଯିବ । ତା ଭଲପାଇବାରେ ତାକୁ ଜୀବନସାରା ବାନ୍ଧିରଖିପାରୁଥିବ । ସାତଜନ୍ମର ସାଥି ହୋଇ ଚାଲିବାପାଇଁ କଥା ଦେଉଥିବ । ହେଲେ ମୁଁ ସେ ସ୍ୱପ୍ନରେ ବିଶ୍ୱାସ କରୁନଥିଲି । କଥାରେ ଅଛି ତୁମର ଜୀବନସାଥୀକୁ ଭଗବାନ ବାଛନ୍ତି, ଏ ମର୍ତ୍ତ୍ୟରେ ସେ କେତେବେଳେ କେଉଁ ଜାଗାରେ ତୁମ ସହ ଦେଖା କରାଇବେ, ସେଇଟା ତାଙ୍କ ରଚିତ ଜୀବନ ନାଟକର ଏକ ଦୃଶ୍ୟ ମାତ୍ର । ମୁଁ ଏ ସବୁ କଥାଶୁଣି ହସୁଥିଲି । ହେଲେ ସେ ଦିନ ଆଶୁତୋଷଙ୍କୁ କ୍ଲାସ୍ ରୁମ୍ ଆଗରେ ସେ କୃଷ୍ଣଚୁଡା ଗଛ ତଳେ ଆସୁଥିବାର ଦେଖିଲି । ହାତରେ ଖଣ୍ଡେ ବହିଧରି ଏକ ସାଧାରଣ ପିଲାଙ୍କ ଭଳି ତଳକୁ ଅନେଇ ଅନେଇ ଆସୁଥିଲେ । ଜାଣିନି, ଠିକ୍ ସେଇ ମୁହୂର୍ତ୍ତରେ କିଏ ମୋ କାନରେ ଯେପରି କହିଦେଲା, ସେ ତୋର ଜୀବନ ସାଥୀ । ଜାଣିନି କାହିଁକି ମୋ ଆଖି ଯେମିତି

ତାଙ୍କଉପରେ ଲାଖି ରହିଥିଲା । ହଠାତ୍ ମୋତେ ଲାଗିଲା, ସେ ମୋର ନିଜର, ବହୁତ ନିଜର । ସେ ମୋର ଅତି ଆପଣାର ପ୍ରିୟ  ମଣିଷ ଆଉ ମୁଁ ତାଙ୍କର ପ୍ରିୟତମା ।

ଏହି ସମୟରେ ଜ୍ୟୋସ୍ନା, ମୋ ସାଙ୍ଗ ଆସି କହିଲା, "ସୁନୀତା କଣ କରୁଛୁ ? ଆଖିପଲକ ତ ତଳେ ପଡୁନାହିଁ । କଣ ଆଶୁତୋଷର ରାଇଜରେ ହଜିଗଲୁ କି ?" ଚମକି ପଡିଲି, ନାଇଁ ସେମିତି କିଛି ନୁହେଁ । ମୁଁ ଖାଲି ଏମିତି..... । ଆଚ୍ଛା ଶୁଣ ସୁନୀତା, ମୁଁ ତତେ ତା ବିଷୟରେ କହୁଛି ।

କାହା ବିଷୟରେ ? କାହିଁକି ବୋଲି ପଚାରିଲି ଜ୍ୟୋସ୍ନାକୁ ?  ଜମା ଶୁଣିବାକୁ ଇଚ୍ଛାନାହିଁ । ହେଉ ତେବେ ମୁଁ ଯାଉଛି । ନାଇଁ, ନାଇଁ ଜ୍ୟୋସ୍ନା, କହ, ପ୍ରକୃତରେ ତୁତ ଜାଣୁ ମୁଁ କେଉଁ ପ୍ରକାରର ପିଲା । ନିଜ ମନ କଥା କାହା ଆଗରେ ପ୍ରକାଶ କରିବାକୁ ଭଲ ଲାଗେନାହିଁ । ତୁ କଣ ବୁଝିପାରୁନୁ । ହେଉ ଶୁଣ ସୁନୀତା, ସିଏ ଆଶୁତୋଷ ସାହୁ । ଡିଗ୍ରୀରେ ଆମ କଲେଜ୍ ର ଟପ୍ପର । ବ୍ୟବହାର ବହୁତ ଭଲ । ବେଶ୍ ଶାନ୍ତ, ଭଦ୍ର ଆଉ ନମ୍ର ସ୍ୱଭାବର । ତା ବାପା ଜଣେ କିରାଣୀ । ଗରିବ ପରିବାର ତଥାପି ହୃଦୟ ବହୁତ ବଡ । ସେଭଳି ପିଲାକୁ ଦେଖିଲା ନା କାହିଁକି କେଜାଣି ମନଟା ଆନ୍ଦୋଳିତ ହୋଇଉଠେ । ହେଉ, ଆଉ ମନକୁ ଏତେ ଆନ୍ଦୋଳିତ ହେବାକୁ ଦେନା ଜ୍ୟୋସ୍ନା । କାରଣ ସିଏ ଏବେ ମୋର । ପୁରା ପୁରି ମୋର । କଣ କହୁଛୁ ସୁନୀତା । ପାଗଳୀ ହୋଇଗଲୁ ନା କଣ । ଯାଉଛି କ୍ଲାସ୍ ରେ ସମସ୍ତଙ୍କୁ ଏ କଥା କହିଦେବି । ଏ ଜ୍ୟୋସ୍ନା, ଶୁଣ ଶୁଣ ମୋ ସୁନା ସାଙ୍ଗଟାପରା । ମୋର ସ୍ୱପ୍ନ ପୁରା କରିବା କଣ ତୋର କରିବା ନୁହେଁ । ମୋ ସ୍ୱପ୍ନ ରାଇଜର ରାଣୀ ହେବି ଆଉ ଆଶୁତୋଷ ହେବେ ରାଜା । ଆଉ ମୁଁ କଣ ତୋର ଦାସୀ ହେବି ସୁନୀତା-ଦୁହେଁ ହସିଉଠିଲୁ ।

ସେଦିନ କଲେଜ୍ର ପ୍ରଥମ ବର୍ଷର ବାର୍ଷିକ ଉତ୍ସବ ଥାଏ । କଲେଜ୍ ସାରା ସମସ୍ତେ ମଉଜମସ୍ତୀ କରୁଥାନ୍ତି । ନାଟକ 'ସୀତା ବିବାହ' ର ପ୍ରଥମ ଦୃଶ୍ୟ ମଞ୍ଚସ୍ଥ ହେବାକୁ ଯାଉଥାଏ । ଏହି ସମୟରେ ଦେଖିଲି ଆଶୁତୋଷ ପଛଧାଡିରେ ଚୁପ୍ ଚାପ୍ ଏକୁଟିଆ ବସିଛନ୍ତି । ତାଙ୍କ ପାଖକୁ ଯାଇ କହିଲି, "ହାଏ, ଆଶୁ, ମୋର ମେକାନିକ୍ସ ର କିଛି ପ୍ରୋବ୍ଲେମ୍ ତୁମ ସହ ଡିସ୍କସ୍ କରିବାର ଥିଲା । ତୁମେ ଯଦି ବ୍ୟସ୍ତ ନାହଁ ତେବେ ଆସିପାରିବ ।" ଚାଲ କହି ଆଶୁତୋଷ ମୋ ସାଙ୍ଗରେ ଆସିଲେ । ଦୁହେଁ କ୍ଲାସ୍ ରୁମ୍ ରେ ପାଖାପାଖି ହୋଇ ବସିଥାଉ । ସେ ମୋତେ ବୁଝାଉଥାନ୍ତି । ହେଲେ ମୁଁ ପୁରା

ଅନ୍ୟମନସ୍କ । ଝାଳରେ ମୁଁ ପୁରା ତିନ୍ତିଯାଇଥିଲି । ସେଇ କିଛିଟା ମୁହୂର୍ତ୍ତ ମୋ ହୃଦୟର ସ୍ପନ୍ଦନ ବହୁତ ବଢିଯାଇଥିଲା । ଭାବିଥିଲି ତାଙ୍କୁ କହିଦାବି ମୁଁ ତୁମକୁ ଭଲପାଏ ବୋଲି ।

ହେଲେ କାହିଁକି କେଜାଣି ମୋତେ କିଏ ମୋ ଭିତରୁ ଟାଣିଧରିଲା । କିଛି କହିପାରିଲି ନାହିଁ । ସେ ପଳେଇଗଲେ । ଏହିପରି ପି.ଜି.ର ଦ୍ୱିତୀୟ ବର୍ଷ ବି ପାହିଗଲା । ସେଦିନ କଲେଜର ଶେଷଦିନ ଥାଏ । ମୁଁ ମୋ ନିଜ ଭିତରେ ବହୁତ ଭାଙ୍ଗିପଡିଥାଏ । ଘରକୁ ଫେରିବାକୁ ବାହାରିଥାଏ । କଲେଜର ପ୍ରାୟ ପିଲା ଚାଲିଗଲେଣି । ଠିକ୍ ସେଇ ଜାଗା ମାନେ କୃଷ୍ଣଚୂଡା ଗଛତଳେ ଆଶୁତୋଷ ପଛରୁ ଡାକି କହିଲେ, ସୁନୀତା ତୁମକୁ କିଛି କହିବାର ଥିଲା, ଦେଖ ମୁଁ ଜାଣିନି ଏ ପ୍ରଶ୍ନର ଉତ୍ତର ତୁମେ କଣ ଦେବ । ହେଲେ ମୁଁ ଭାବୁଛି ତୁମେ ମୋତେ ଏଇ ଦୁଇବର୍ଷରେ ଭଲକରି ଜାଣିପାରିଥିବ । ତୁମକୁ ମୁଁ ବହୁତ ପସନ୍ଦ କରେ । ଆଉ ମୋତେ ଯଦି ତୁମେ ଜୀବନସାଥି ରୂପେ ବାଛିବାକୁ ଚାହଁ, ତେବେ ଏ ଜୀବନଟା ଆମେ ଏମିତି ହସଖୁସିରେ କାଟିଦେବା । କିନ୍ତୁ ତୁମେ ଯଦି ଆଉ କାହାକୁ ନିଜର କରିବାକୁ ଚାହଁ, ତେବେ ମୁଁ ଆଦୌ ମନଦୁଃଖ କରିବି ନାହିଁ । ତୁମକୁ କେବଳ ତୁମର ଭବିଷ୍ୟତ ଜୀବନପାଇଁ ଶୁଭେଚ୍ଛା ଜଣାଇବି । ମୋତେ ସ୍ୱପ୍ନ ପରି ଲାଗୁଥିଲା କଥାଗୁଡାକ । କହିଲି, ତେବେ ଭବିଷ୍ୟତ ପାଇଁ ମୋତେ ଶୁଭେଚ୍ଛା ଜଣାଅ, ହେଲେ ମୋ ଜୀବନପଥ ସେତେବେଳେ ସୁନ୍ଦର ହେବ, ଯେତେବେଳେ ତୁମେ ଆଉ ମୁଁ ହାତ ଧରାଧରି ହୋଇ ସେ ଯାତ୍ରାର ଯାତ୍ରୀ ହେବା ।

ବାହାଘର ପରର ପ୍ରତିବର୍ଷ ଜନ୍ମଦିନକୁ ସେ ମୋ ପାଇଁ କିଛି ନା କିଛି ଉପହାର ଆଣନ୍ତି । ୧୬ ଅଗଷ୍ଟ ୨୦୦୩ ମସିହା । ସେଦିନ ମୋତେ ସେ କହିଲେ ଦେଖ ସୁନୀତା, ମୁଁ ଦିନସାରା ଅଫିସ୍ କାମରେ ବ୍ୟସ୍ତରହି ବାହାରେ ରହୁଛି । ତୁମେ ଏକୁଟିଆ ସମୟ ଜମା କାଟିପାରୁନଥିବ । ମୁଁ ଜାଣେ, ବାହାଘରର ଦଶବର୍ଷ ପରେ ବି ତୁମେ ତୁମର କିଛି ବି ଅସୁବିଧା ମୋତେ ଜଣାଇନାହଁ । ଶୁଣ, ଆମ ଜୀବନରେ ଭଗବାନ ତ କିଛି ସନ୍ତାନ ସନ୍ତତି ଦେଇନାହାନ୍ତି । ତୁମେ ଯଦି ରାଜି ହେବ, ତେବେ ଆମେ ଅନାଥ ଆଶ୍ରମକୁ ଯାଇ ଆମର କୋଳ ଭରିପାରିବା । ତା ପରେ ପୁଜାକୁ ଝିଅକରି ଆଣିଲୁ । କେବେ ବି ସେ ମୋ ମନ କଥା ଭାଙ୍ଗିନାହାନ୍ତି । ସବୁବେଳେ ଚେଷ୍ଟାକରୁଥାନ୍ତି, ମୁଁ ଆଉ ପୁଜା କେମିତି ଖୁସିରେ ରହିବୁ । ଆମ ମୁହଁର ହସ କୁଆଡେ ତାଙ୍କର ଜୀବନ । ସବୁବେଳେ କହନ୍ତି, ଯେତେବେଳେ ଦିନସାରା କାମ କରି କରି ମୁଁ ରାତିରେ ଘରକୁ ଫେରେ, ସେତେବେଳେ ପୁଜାର ବାପା ଡାକ ଆଉ ହସହସ ମୁହଁ

ଦେଖି ପେଟ ପୁରିଯାଏ । ଦିନଯାକର କ୍ଳାନ୍ତି ମେଣ୍ଟିଯାଏ । ସେ ସାଧାରଣତଃ ଅଫିସ୍‌ରୁ ରାତି ୮ଟା ସୁଧା ଫେରିଆସନ୍ତି । ସେଦିନ ରାତି ୧୨ଟା ହେଲାଣି । ତାଙ୍କର ଦେଖା ନାହିଁ କି ଫୋନ୍ ନାହିଁ । ବହୁତ ବ୍ୟସ୍ତ ହୋଇପଡିଥାଏ । ମନରେ ଅନେକ ଖରାପ ଭାବନା ଉଙ୍କିମାରୁଥାଏ । ପୁଜା କାନ୍ଦି କାନ୍ଦି ଶୋଇପଡିଥାଏ । ଏହି ସମୟରେ କଲିଂ ବେଲ୍ ବାଜିଲା । କବାଟ ଖୋଲି ଦେଖିଲି ଆଶୁତୋଷ । କହିଲେ ଅଫିସ୍‌ରେ ଟିକେ କାମ ଥିଲା । ଆସୁ ଆସୁ ଡେରି ହେଇଗଲା । ତେବେ କାଲି ସାବିତ୍ରୀ ଅମାବାସ୍ୟା । ତୁମ ପାଇଁ ନୁଆ ଶାଢୀଟିଏ ଆଣିଛି । ସେଦିନ ତାଙ୍କର ସେ ଉପହାର ମୋତେ ବହୁତ ନିଜର ଲାଗିଲା । ସେଦିନ ରାତିରେ ତାଙ୍କ ହୃଦୟରେ ମଥାରଖି ଶୋଇପଡିଲି । ବାହଘରର ଏତେ ବର୍ଷ ପରେ ଲାଗୁଥିଲା ଯେମିତି ପ୍ରଥମଥର ମୁଁ ତାଙ୍କୁ ଦେଖୁଛି, ତାଙ୍କୁ ନିଜର କରୁଛି । ତା ପରଦିନ ସାବିତ୍ରୀ ଅମାବାସ୍ୟା । ସେ ଅଫିସ୍ ରୁ ଛୁଟି ନେଇଥାନ୍ତି । ଝିଅ, ମୁଁ ଆଉ ସେ ମନ୍ଦିରକୁ ଯାଇଥାଉ । ଫେରିଲାବେଳକୁ ସଂଧ୍ୟା । ଏହି ସମୟରେ ଆଗରୁ ଏକ ଟ୍ରକ୍ ମାଡିଆସିଲା । ଆଉ ସେଇ ଦୁର୍ଘଟଣାରେ ପୁଜା ତାର ଦୁଇଗୋଡ ହରାଇବସିଲା । ବାସ୍ ପାଞ୍ଚ ବର୍ଷ ହୋଇଗଲାଣି । ସେ ସେହିଦିନଠାରୁ କେବେ ବି ଶାନ୍ତିରେ ରହିପାରି ନାହାନ୍ତି । ଅନେକଥର ଝିଅକୁ ଦେଖିଲେ କାନ୍ଦିପକାନ୍ତି । କୁହନ୍ତି, ଦେଖ ସୁନୀତା, ପୁଜାକୁ ଯଦି ଆମେ ଝିଅ କରି ଆଣି ନଥାନ୍ତେ, ଆଜି ହୁଏତ ତାର ଏ ଅବସ୍ଥା ହୋଇ ନଥାନ୍ତା । ମୁଁ ଏ କଥା ଶୁଣି ନା ତାଙ୍କୁ କିଛି କହିପାରେ ନା ନିଜକୁ କିଛି ବୁଝାଇପାରେ ।

ଏ ସବୁ ଭାବୁଭାବୁ ହଠାତ୍ ପଛରୁ ଡାକ ଶୁଭିଲା, 'ସୁନୀତା, ସେଠି ବସି କାହିଁକି ଭାବନା ରାଇଜରେ ହଜିଯାଇଛ' । ଚମକି ପଡିଲି । ଦେଖିଲି, ସିଏ ଛିଡାହେଇଛନ୍ତି କବାଟ ପାଖରେ । ମୁଁ କହିଲି ନାଇଁ କିଛି ନାହିଁ । ଚାଲ ତୁମକୁ ଓ ଝିଅକୁ ଖାଇବାକୁ ଦେବି । ସେ କହିଲେ, 'ଦେଖ ସୁନୀତା, ଏବେ ଝିଅକୁ ମୋ ବିନା ଖାଇବାକୁ ଶିଖାଅ । ଆଉ ତୁମେ ବି ମୋ ବିନା ବଞ୍ଚିବା ଅଭ୍ୟାସ କର '। ଆଶ୍ଚର୍ଯ୍ୟ ହୋଇ ପଚାରିଲି, ତୁମେ ଆଜି ଏମିତି କଣ କହୁଛ । ମୁଁ ତ କିଛି ବୁଝିପାରୁନାହିଁ । ସେ କହିଲେ, 'ସୁନୀତା, ମୋ ଆଗରେ ଅଭିନୟ କରନାହିଁ । ମୁଁ ମେଡିକାଲ୍ ରିପୋର୍ଟ ଦେଖିସାରିଛି '। ଏ କଥା ଶୁଣି ହଠାତ୍ ମୁଁ କାନ୍ଦି ପଡିଲି, ଆଉ ତାଙ୍କ ପାଦତଳେ ଲୋଟିପଡିଲି । ମୁଁ କହିଲି, 'ଦେଖ, ଆମକୁ ଛାଡି ତମେ କୁଆଡେ ଯାଇପାରିବନାହିଁ । ମୁଁ ତୁମ ବିନା ବଞ୍ଚି ପାରିବିନାହିଁ । ତୁମେ ମୋ ସାଥିରେ ମୋ ଛାଇପରି ରହିବ ବୋଲି କଥାଦେଇଥିଲ । ମୁଁ ଯଦି ଏ ଜୀବନ ପଥରେ ଝୁଣ୍ଟିପଡେ, ତେବେ ମୋତେ ଉଠାଇବ ଆଉ ମୋ

ଆଖିରୁ ଲୁହ ଝରିବାକୁ ଦେବନାହିଁ ବୋଲି ପ୍ରତିଶୃତି ଦେଇଥିଲ । ଆଉ ଆଜି ମୋତେ ଏକାକରି କାହିଁକି ଚାଲିଯିବ' । ସେତେବେଳେ ସେ ବି କାନ୍ଦୁଥିଲେ । ମୋତେ ବୁଝାଇବାପାଇଁ କହିଲେ, 'ସୁନୀତା, ଏ ଜୀବନ ଏମିତି କାହାକୁ କେଉଁ ମୁହୂର୍ତ୍ତରେ ଠକିଦେବ କେହି ଜାଣିନାହାନ୍ତି । ଆଉ ମୁଁ ଯିବାପରେ ତୁମେ ତାର ସବୁ ଯତ୍ନନେବ । କେବେ ବି ତାକୁ ମୋର ଅନୁପସ୍ଥିତି ଅନୁଭବ କରିବାକୁ ଦେବନାହିଁ । ସେ ତ ଜୀବନଯାକ ଦୁଇ ବାଡିର ସାହାଯ୍ୟରେ ଚାଲିବ । ତୁମେ ସବୁବେଳେ ତା ପାଖେ ପାଖେ ଥିବ । ଆଉ ହଁ, ମୁଁ ଜାଣେ ତୁମେ ମାନସିକ ସ୍ତରରେ ବହୁତ ଦୁର୍ବଳ । କିନ୍ତୁ ତୁମେ ପାରିବ । ଏକା ଏକା ଏ ଜୀବନଯାତ୍ରାର ବାଟୋଇ ହୋଇପାରିବ । ଏବେ ଚାଲ ମୋ ସାଙ୍ଗରେ । ଆଉ ଚିକିତ୍ସାରେ ଅଜଥା ସମୟ ନଷ୍ଟ ନ କରି ତୁମପାଇଁ ବହୁତ କିଛି କରିବାର ଅଛି । ତୁମ ଭବିଷ୍ୟତର ଅନେକ ଯୋଜନା କରିବାର ଅଛି । ହଁ ମୁଁ ଚାଲିଯିବାପରେ ତୁମେ ତୁମ ବାପାଙ୍କ ଘରକୁ ଚାଲିଯିବ । ସୁବିଧା ଅସୁବିଧାରେ ସେ ତୁମ ସାଥିରେ ରହିବେ' । ମନେ ମନେ ମୁଁ ଭାବୁଥିଲି, ଇଏ ମଣିଷ ରୂପରେ ଭଗବାନ ମୋ ପାଖକୁ ଆସିଲେ ନା ଭଗବାନଙ୍କ ରୂପରେ ମଣିଷ । ଏହି ସମୟରେ ଝିଅ ଆସି କହିଲା, 'ବାପା, ଚାଲ ଖାଇବା । ମୋତେ ବହୁତ ଭୋକ ହେଲାଣି । ତୁମ ସଙ୍ଗେ ନ ଖାଇଲେ ମୁଁ ବୋଉ ସହ ଖାଇବି ନାହିଁ । ଆଉ ବାପା ଜାଣିଛ, ଏ ନୂଆବର୍ଷରେ  ପିକନିକ୍ ଯାଉଛନ୍ତି, ତୁମେ ମୋ ସାଙ୍ଗରେ ଯିବନା ' । ଏ କଥା ଶୁଣି ମୁଁ ସେଠି ରହିପାରିଲି ନାହିଁ । ମନରେ ଭୀଷଣ କଷ୍ଟ ହେଲା । ଆଶୁତୋଷଙ୍କ ହୃଦୟରେ ମଥାରଖି କାନ୍ଦିଥିଲି ଆଉ କହିଲି, 'ହେ ଭଗବାନ, ତୁମେ କାହିଁକି ମୋ ସୁନା ସଂସାରକୁ ଚୁନା କରିଦେଲ ' ।


୯୭୫୭୧୫୯୧୦୭

୦୨୨-୨୭୫୨୪୫୭୪




# The working of destiny

**-Deepti Ranjan Hota**

No one will deny that destiny plays a very important role in everyone's life; It is more so in the Kali Yuga that is running; Great emperors of the pastsuch as Yudhisthira, Vikramaditya, etc, have fallen and risen due to the free play of destiny in their lives; Yudhisthira Maharaj was a close associate of Lord Krishna; But still, he was not spared by destiny; About 72% of his life was spoiled by destiny operating against him; He lived for about 127 years, out of which, he lost the first 92 years in suffering; The Mahabharata war took place when Yudhisthira Maharaj was about 92 years old – at that time 92 years was not an old-age; That was like about 46 years of age in today's scale; After the Mahabharata war was over, Yudhisthira ruled a foe-less empire for 35 years; So, he and his brothers enjoyed only 28% of their lives; This is how destiny works;

The effect of destiny is weakest (44%) in the Satya Yuga and strongest (86%) in the Kali Yuga; We are living in the Kali Yuga; Merit has got least value in the Kali Yuga, whereas in the Satya Yuga, merit considered to be the biggest identity of an individual;

What is destiny? Destiny can be explained in many ways; But, my latest studies give me the innuendo that one's ancestry and kinship consist in one's destiny; From my ab-initio studies, destiny could be explained as the fruit of the sum-total of one's actions in the last seven births counted from the present birth; Sometimes, the range is

extended to the last 14 births or even beyond that; But, in the Kali Yuga, the actions of the last seven births of a person are evaluated (by Lord Brahma) in writing his/her destiny; And, the actions of those seven previous births are shaped in a concrete way by choosing a befitting ancestry and kinship for the individual;

So, a man with great parents could get unimaginable benefits even if he is a first-rate criminal or an average or below-average chap, while a meritorious man could toiling hard and still getting almost nothing, because of bad parents or ancestors or kinsmen; This is how we see many ordinary persons rising to dizzy heights of success while truly skilled or deserving persons rotting in darkness; Duryodhan committed so many crimes in his life, but finally he ascended to heaven because of the punya of his mother; The virtuous Pandavas on the other hand suffered so much while living and went to hell (for a short time, though) after death; That was because the Pandavas had a bad kinship (like Duryodhan and his evil supporters); Duryodhan's advantage was that he got a good kinship (in the Pandavas); When a high temperature liquid is mixed with a low temperature liquid, the former loses and the latter gains energy; The same is the case when a sinner is connected with virtuous persons – the virtuous persons lose and the sinners gain punya, though that contact or connection;

It is said that destiny could be overcome through patience; One has to wait indefinitely like a hunter does, so as to get one's prey. Destiny, though very powerful, has a limit of its own; After its period or working is over, it does no harm at all, even if the individual is careless; But, this does not mean that the individual should commit crimes again and he would not be punished for that! Careless means, "care-free", here; Some people overestimate their own abilities when they get small-scales successes, in handling the problems of life; And, then they don't care about what they do; They declare that they don't

believe in any destiny; And, they are taken aback when destiny suddenly overtakes them, in right time, in the right way;

Destiny could be overcome through right actions done constantly; But then, there is a problem here; What is the right action?! Lord Krishna says in the Bhagavad Gita that it is very difficult to understand what is right action and what is wrong action ("Gahana Karmano Gatih" = "The canon of right and wrong actions is quite mysterious");

Destiny operates in various ways; Sometimes, one has a bad childhood but a very good adulthood; In other cases, one's old-age becomes a nightmare, though having an enjoyable youth and adulthood; In still some other cases, one get relief only in the old-age; However great one may be, in respect of abilities or will-power, one has to suffer sufficiently, due to one's destiny – this is a fact; Only the time and mode of suffering varies from individual to individual; This is the default state, when one lives in the righteous way; If, however, one does not care about right living, and does whatever one wishes irrespective of whether that right or wrong, then the magnitude of suffering will be much more than the default;

Sai-Baba says, "Whatever bad deeds you do here, the fruit thereof you will certainly get in hell after death; But before that, you will get that fruit here too, on the earth itself, before you quit your body"; That means, Karma operates something like Pascal's Law of Pressure does; If you increase the pressure at one point in an enclosed liquid, the pressure increases at every point in the liquid – the output force appears in a magnified form; So, one get the fruits of one's actions here as well as hereafter – at all points of time , after the good luck is over; That is why, when suffering comes, it comes in many ways; This is destiny anyway!!

Destiny is not everything, however; Just before the war with Ravan started, Lord Rama was chatting with Lord Laxman; Lord Rama said, "Laxman, the war is going to start soon; Ravan is very powerful; Destiny knows what will happen to Sita"; Lord Laxman retorted in His characteristic angry mood, "What destiny? What is it? I don't care about any destiny; As long as my bow and arrows are operating, destiny cannot dare to do any harm to Us!"; Lord Laxman was a stoical person; He never feared any suffering;

Destiny did come to the battle field, and made Lord Laxman unconscious with the Sakti Astra hurled by Meghanad; But, Lord Laxman somehow overcame it (through His friend, Hanumanji) and confronted Meghanad again; Meghanad now hurled even more powerful weapons like the Pasupata Astra and finally the Narayana Astra, that could not generally be stopped by anyone; But, Lord Laxman easily absorbed those extremely powerful weapons into His body; He displayed His real power to Meghanad in this way;

The question is, "Howcome the more powerful weapons could not harm Lord Laxman, whereas a less powerful weapon harmed Him?!" That was because Lord Laxman was a Brahmachari (celibate) and Brahmacharis don't fight against women; The Sakti Astra, being an incarnation of Kali Mata, was a woman; It represented woman-power; So, Lord Laxman did not confront it and fell unconscious, as a token of respect to Kali Mata; However, this constituted a "good luck" for Meghanad, i.e., destiny helped Meghanad; But then, that was only for a short time! Destiny worked against Lord Laxman only for a short time; After its period was over, it could not help Meghanad, even if Meghanad had more powerful weapons with him;

Meghanad's punya was completely exhausted when he hit Lord Laxman with Sakti Astra; Hitting a good person destroys the punya of

an individual; Lord Laxman was an incarnation of God, i.e., He was the best among good persons; Hitting Lord Laxman, Meghanad lost all his punya obtained through difficult tapasya; So, destiny could not help Meghanad when his punya was finished; And, his destiny was finished, as it were;

Heavy suffering on the part of an individual weakens the adverse effects of his destiny; Lord Krishna advises us to practice equanimity when destiny operates against us; The Lord says that one should see pain & pleasure equally, as also gain & loss, victory & defeat and all that ("Sukha-duhkhe same kritwa, labha-labhau jaya-jayau"); Otherwise, being disturbed by destiny, one will be apt to commit offenses; And offenses are offenses – one will be punished again in the future for those offenses; The case of King Nriga of solar dynasty explains this well; At the time of bad luck, he could not keep a balance of mind and committed a serious offense – he killed an innocent brahmana when the latter was having coitus; The brahmana's wife cursed the king that he would die if had coitus with any woman; So, the king could not enjoy the embraces of his wife throughout his life anymore;

Destiny is a terrible thing; It is just like earthquake; It levels great mountains; It makes one's life topsy-turvy; It separates relatives and friends; It makes one face strange things and beings; It afflicted the body, mind and relationships; However, it has a good effect too – it is an eye-opener; It lets you know who is yours and who is not ("Kaun hai apna, kaun paraya"), which is otherwise not possible!!

**-Bhabha Atomic Research Centre, Mumbai**

# Jokes

**-Archita Das & Anushka Das**



Laughing is the best thing of our life.

**Teacher** : Ramu, why are you doing your maths on the floor?
**Ramu** : You told me to do without using tables!

xxxxxxxx

**Teacher** : Why are you so late?
**Raju** : Because of the sign.
**Teacher** : What sign?
**Raju** : That one says "School ahead go slow!"

xxxxxxxx

**Shamu** : How should convey the news to my father that I'have failed?
**Ram** : You just send a telegram: Result declared, past year performance repeated.

xxxxxxxx

**Sir** : Radha, go and find North America on the map.
**Radha** : Here it is!
**Sir** : Correct. Now; Shamu, who discovered North America?
**Shamu** : Rabdha.

**Bhagirathi-22**
**Anushaktinagar, Mumbai 400 094**

**PRINTED AT**
Prudent Arts & Fab Private Limited
A-221, TTC Industrial Area
Opp. Mahape Bus Depot
MIDC, Mahape, Navi Mumbai 400701
Tel : 022 - 6111 9000




ମୁଖ୍ୟ ଅତିଥୀ ଶ୍ରୀ ଅପୂର୍ବ କିଶୋର ବିର୍ ଙ୍କ ଦ୍ୱାରା 'ଅଣୁଲିପି ୨୦୧୪' ର ଉନ୍ମୋଚନ




ଓଡିଶାରୁ ଆସିଥିବା ଛଉ ନୃତ୍ୟ କଳାକାରଙ୍କ ସମ୍ମାନାର୍ଥେ

# Nava Kalebar

Nava Kalebar is the ceremonial renewal of bodies of Lord Jagannath, Bhalabhadara, Subhadra and Sudarshan. This ceremony takes place usually in 12 years, but the shortest period is 8 years and the longest is 19 years. This ceremony takes place in such a year having two months of Asadha. The last ceremony was held in 1996 and the current one is going to be held in 2015. The Margo trees are selected every time for making deities. Any ordinary tree with extraordinary features can only become the body of the deity or Daru Bramha. The Darus should be different for each deity.

Specific persons including the Daitas are deputed from the Puri temple to the Mangala temple in Kakatapur village to implore the mercy of the said goddess, so that they would be able to spot out the suitable margosa trees. There are many specifications about the environment, location, height, age and other details of the trees which should be thoroughly checked before they are used for the purpose.

After the trees are located and selected, a small ritual, including homa (offering to fire) takes place and the tree is felled. Then it is cut to size and brought to the temple. In Koili Vaikuntha, the skilled carpenters called Visvakarma fashion the wooden images under the strict supervision and guidance of the Daitas. On those days an elaborate sacrifice invoking the god Nrsimha is performed. After the images are carved out, these are taken inside the temple and the Brahma (a mysterious object always placed inside the images) is transferred from the old images to the new images. Then the old images are buried in Koili Vaikuntha. The new images are painted and made ready for worship.



**Published by Anushaktinagar Oriya Association**
**April, 2015**

www.anuodia.org